ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ସେପ୍ଟେମ୍ବର, ୨୦୧୯



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ମଦ ଜବତ ୧ ଗିରଫ

ଛତିଆ,୩୧।୮(ଡି.ଏନ୍.ଏ.): ବୈରୀ ଥାନା ଅଞ୍ଚଳରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ବଢିବାରେ ଲାଗିଛି। ଗତ ରାତିରେ ପାରିଆ ପଞ୍ଚାୟତର ବରୁଣିଆ ଗ୍ରାମରେ ମଦ ବ୍ରିକି ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବୈରୀ ଥାନା ଆଇଆଇସି ନିରଞ୍ଜନ ଶବର ଜାଣିବାକୁ ପାଇଥିଲେ। ତୁରନ୍ତ ଏଏସ୍ଆଇ ଅନୀଲ ସାହୁ ଅଯୋଧା ନାୟକଙ୍କୁ ପଠାଇଥିଲେ। ଏହି ସମୟରେ ୧୦ ଲିଟର ମଦ ସହିତ ମଦ ବେପାରୀ ଧୂଳେଶ୍ୱର ପ୍ରଧାନଙ୍କୁ ଗିରଫ କରିଥିଲେ। ଏନେଇ ବୈରୀ ଥାନାରେ ୧୨୩/୧୯ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ

କୋରେଇ,୩୧।୮(ସ୍ୱ.ପ୍ର): ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ନିକଟରେ ଶନିବାର ସନ୍ଧ୍ୟାରେ ବାଇକ୍ ସହ ଟ୍ରକର ଧକ୍କା ହେବା ଫଳରେ ବାଇକରେ ବସିଥିବା ସହଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଯାଜପୁର ସଦରଥାନା ଅନ୍ତର୍ଗତ ବେରୁଦା ଗ୍ରାମର ଚୈତନ୍ୟ ମୁଣ୍ଡାଙ୍କ ପୁଅ ଆକା(୧୫)। ଜାତୀୟ ରାଜପଥ ଦୋହାରୀକରଣ କାର୍ଯ୍ୟ ଚାଲୁଥିବାବେଳେ ଗୋଟିଏ ରାସ୍ତାରେ ଉଭୟ ପଟର ଗାଡି ଯାତାୟତ କରୁଛି। ଆକା ଓ ବାଇକ୍ ଆରେହୀ ପଞ୍ଚୁଆ ମୁଣ୍ଡାଙ୍କ ପୁଅ ଜଗା ଏକ ବାଇକ (ଓଡି୩୧ଏଚ ୯୬୦୧) ଯୋଗେ ଷଠିପୁର ବଜାରରୁ ରାଜପଥକୁ ଉଠିବାବେଳେ ଟ୍ରକକୁ ଓଭରଟେକ କରିଆସୁଥିବାବେଳେ ଟ୍ରକ ପଛରେ ପିଟି ହୋଇଥିଲେ। ଫଳରେ ଜଗା ରାସ୍ତାକଡ଼କୁ ପଡିଥିବାବେଳେ ଆକା ରାସ୍ତା ମଝିରେ ପଡି ଯାଇଥିଲେ। ଯଦ୍ୱାରା ପଛରୁ ଆସୁଥିବା ଏକ ଟ୍ରକ (ଡବ୍ଲୁବି ୨୩ବି ୯୦୬) ତାଙ୍କ ଉପରେ ଚଢି ପଳାଇଥିଲା। ଘଟଣାସ୍ଥଳେ ଆକାଙ୍କର ମୃତ୍ୟୁ ହୋଇଥିବାବେଳେ ଜଗା ସମାନ୍ୟ ଆହତ ହୋଇଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ଗାଡି ଦୁଇଟିକୁ ଜବତ କରିଛି।

### ପାରିବାରିକ ଗଣ୍ଡଗୋଳ ଘଟଣାରେ ୨ଗିରଫ

ଧର୍ମଶାଳା,୩୧।୮(ଡିଏନଏ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବରହମପୁର ଗ୍ରାମରେ ପାରିବାରିକ ଗଣ୍ଡଗୋଳକୁ ନେଇ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ଶନିବାର ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗତ ୨ମାସ ତଳେ ଜେନାପୁର ଥାନା ଅନ୍ତର୍ଗତ ବରହମପୁର ଗ୍ରାମର ୨ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ପୂର୍ବରୁ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଏକ ପକ୍ଷରୁ ଲିଜା ଦଳେଇ କରିଥିବା ଅଭିଯୋଗ ଆଧାରରେ ପୋଲିସ ଶନିବାର ଅଜୟ ଦଳେଇ ଓ ମନୋଜ ଦଳେଇଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟଚାଲାଣ କରିଛି।

# ଆଜିଠୁ ଜିଏସ୍ ଅଟୱାଲ କମ୍ପାନୀରେ ଝୁଲିବ ତାଲା

କାଳିଆପାଣି/ସୁକିନ୍ଦା (ଡି.ଏନ୍.ଏ.),୩୧।୮

ସୁକିନ୍ଦା କ୍ରୋମ୍ ଭ୍ୟାଲିରେ ଥିବା ଟାଟା ଖଣି ପରିଚାଳନାଧିନ ଜିଏସ୍ ଅଟୱାଲ ଆର୍ଥିକ ଅଭାବ ଯୋଗୁ ସେପ୍ଟେମ୍ବର ୧ ତାରିଖ ରବିବାରଠାରୁ ତାଲାବନ୍ଦୀ(ଲକ୍ଆଉଟ) ହେଉଛି। ଫଳରେ ପ୍ରାୟ ୩୫୦ଶ୍ରମିକ ଓ କର୍ମଚାରୀମାନେ ଜୀବିକା ହରାଇବେ। ଏହି ମର୍ମରେ ଅଟୱାଲର ପରିଚାଳନା ନିର୍ଦ୍ଦେଶକ ତାଙ୍କ ନୋଟିସ ସଂଖ୍ୟା ୧୪୭/୨୯।୮।୨୦୧୯ରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଗତ କିଛି ବର୍ଷ ହେଲା କମ୍ପାନୀ ଆର୍ଥିକ ଦୁଃସ୍ଥିତିରେ ଗତି କରୁଛି। ଗତ ୨ମାସ ହେଲା କମ୍ପାନୀ କର୍ମଚାରୀଙ୍କୁ ଦରମା ଦେଇ ପାରିନାହିଁ। ଯୋଗାଣକାରୀ ଓ ଠିକାଦାରଙ୍କ ପାଉଣା ମଧ୍ୟ ଅଟକି ରହିଛି। ଆଗକୁ କମ୍ପାନୀକୁ ଆଉ ଚଳାଇବାକୁ ସମ୍ଭବ ନୁହେଁ। ତେଣୁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ପରାମର୍ଶ ଦିଆଯାଇଛି ଯେ, ରବିବାରଠାରୁ କମ୍ପାନୀରେ ତାଲା ପଡ଼ିବ। ଏହା ଜଣାପଡ଼ିବା ପରେ ଏଠାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି।

## ବିପନ୍ନରେ କର୍ମଚାରୀ, ଶ୍ରମିକଙ୍କ ଜୀବିକା

ଯାଜପୁର ଜିଲା ସୁକିନ୍ଦା କ୍ରୋମ ଉପତ୍ୟକାରେ ଟାଟା କମ୍ପାନୀ ଖଣି ଖନନ କରି ଆସୁଛି। ଟାଟା ଖଣିରୁ କ୍ରୋମାଇଟକୁ ବିଭିନ୍ନ ଗାଡ଼ି ମାଧ୍ୟମରେ ଖଣି ମଧ୍ୟରୁ ଉପରକୁ ଆଣି ଷ୍ଟୋରେଜ କରିବା ନିମନ୍ତେ ଜିଏସ୍ ଅଟୱାଲ ଆଣ୍ଡ କ୍ୟାରଫ(ଇଞ୍ଜିନିୟର୍ସ)ପ୍ରାଇଭେଟ ଲିମିଟେଡ କାର୍ଯ୍ୟ କରୁଛି। ବର୍ତ୍ତମାନ ଏହି କମ୍ପାନୀ ଅଧିନରେ ଡ୍ରାଇଭର ହେଲ୍ପର, ଅପରେଟର ସହ ଗ୍ୟାରେଜ ଓ ଅନ୍ୟାନ୍ୟ ସେକ୍ସନରେ ୩୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ନିୟୋଜିତ ଅଛନ୍ତି। ବିଭିନ୍ନ କାରଣରୁ ଏହି କମ୍ପାନୀ ବନ୍ଦ ହେଉଥିବାରୁ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ହରାଇବା ସୁନିଶ୍ଚିତ ହୋଇଛି। ପୂର୍ବରୁ ଏହି କମ୍ପାନୀ କର୍ତ୍ତୃପକ୍ଷ ଏକାଧିକବାର ମନମୁଖୀ ନୀତି ଆପଣାଇ ଏହିଭଳି ଭାବରେ ଶ୍ରମିକଙ୍କୁ କାର୍ଯ୍ୟରୁ ବାହାର କରିଦେବାକୁ ଅନେକ ସମୟରେ ଚେତାବନୀ ଦେଉଥିବା ନଜିର ରହିଛି।



G.S. ATWAL & CO.(ENGINEERS) PVT.LTD.

G.S. ATWAL & CO., (ENGINEERS) P. LTD.
CIVIL, MECHANICAL, STRUCTURAL, MINING ENGINEERS AND CONTRACTORS
4-B, LITTLE RUSSELL STREET, KOLKATA-700 071
Camp: Sukinda Chromite Mine, Tata Steel,
Po: Kalarangiatta, Dist: Jajpur,
Orissa, 755028

TELEPHONES: 22829407, 22826468
TELEGRAMS: "WHITEHAWK" FAX: 033-22828262

Ref No. : GSA/SCM/Notice/147
Date : 29/08/2019.

NOTICE

Regretfully, it is to inform all employees of the company that:

The company has been wading through acute financial crisis since last few years due to reasons both internal and external. The company could not pay wages to employees in last two months, suppliers and contractors bill have gone unpaid.

The reasons for such an acute situation of this proportion to arise can be attributed mainly for the reason "operation has become highly uneconomical and unaffordable" in spite of several cost cutting steps taken to bring financial balance.

The company absorbed all losses in order to safeguard two underlying principles, firstly long serving employees to be retained till the end of contract as they were the building blocks of this unique contract (35 yrs. uninterrupted service to TSL) and secondly to conclude the work to full satisfaction of the principal employer and exit with dignity, but it has become practically impossible to sustain any further losses.

In essence, the working capital has dried up so low, leaving the management with no option but to declare "LOCK-OUT" of the establishment with effect from 1st September 2019.

All are advised to be in touch with the management for future development and redress, as such be assured of every support possible from the company during this time of crisis.

୨୦୧୫ରେ ଏହି କମ୍ପାନୀ ଅଧିନରେ କାର୍ଯ୍ୟରତ ଥିବା ସୁକିନ୍ଦା ବ୍ଲକ କାଦୁଅବନ୍ଦି ଗ୍ରାମର ରାଜେଶ ନାୟକ କମ୍ପାନୀର ମନମୁଖୀ ନୀତିକୁ ବିରୋଧ କରି ଦୀର୍ଘ ଦିନର ବକେୟା ମଜୁରି ଦାବି କରିଥିଲେ। ଶେଷରେ ସେ ଅସଫଳ ହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ସେହିପରି ବିଗତ ଦିନରେ ଅଟୱାଲର ଶ୍ରମିକ ମାରଣ ନୀତି ବିରୋଧରେ ଏଠାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନେ ବହୁବାର ଆନ୍ଦୋଳନ କରିଛନ୍ତି। ଅନ୍ୟପକ୍ଷେ କେତେକ ରାଜନୈତିକ ଗୋଷ୍ଠୀ ଟାଟା ଖଣିର ବରିଷ୍ଠ ଅଧିକାରୀଙ୍କୁ ଢାଲ କରି ଏଭଳି ନୀତି ଆପଣାଇ ଆସୁଥିବା ଶ୍ରମିକ ମହଲରେ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଟାଟା ଖଣି ମୁଖ୍ୟ ରାଜେଶ ପଟେଲଙ୍କୁ ପଚାରିବାରେ ସେ କହିଛନ୍ତି ଆସନ୍ତା ମାର୍ଚ୍ଚ ମାସରେ ଟାଟା ଖଣିର ଲିଜ୍ ଅବଧି ଶେଷ ହେବାକୁ ବସିଛି। ଏଭଳିସ୍ଥିତିରେ ଟାଟା ଖଣି ଅଧିନରେ ଚାଲିଥିବା ଠିକାସଂସ୍ଥାଗୁଡ଼ିକୁ ଅପସାରିତ କରିବାକୁ ପଡ଼ିବ। ଏନେଇ ଅଟୱାଲ କମ୍ପାନୀ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

ରସୁଲପୁର,୩୧।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତରେ ଶନିବାର ଏକ ବାଇକ୍ ଧକ୍କାରେ ଜଣେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଶ୍ରୀବନ୍ତପୁର ଅଞ୍ଚଳର ତମନ୍ନା ଖାତୁନ(୯) ନାମ୍ନୀ ଛାତ୍ରୀ ଗୋପାଳପାଟଣା ପ୍ରାଥମିକ ବିଦ୍ୟାଳୟକୁ ଯାଉଥିବାବେଳେ ଗୋପାଳପାଟଣା ଛକ ନିକଟରେ ଏକ ବାଇକ ପଛପଟୁ ଧକ୍କାଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରୁ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଡ୍ରେନ୍ ମାଧ୍ୟମରେ ଜଳ ନିଷ୍କାସନ ନେଇ ଆଲୋଚନା

ଧର୍ମଶାଳା,୩୧।୮(ଡିଏନଏ)

ଧର୍ମଶାଳା ବ୍ଲକ ଅଧିନସ୍ଥ ୧୬ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଜାରକା ବାଜରାର ଜଳ ନିଷ୍କାସନ ନେଇ ପ୍ରଶାସନ, ବାଜାର କମିଟି ଓ ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଶନିବାର ସରଜମିନ୍ ତଦନ୍ତ କରିଛନ୍ତି। ୧୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ଯୋଗୁ ପୂର୍ବରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କସନ ପାଇଁ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା। ଏବେ ପୁଣି ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଥିବାବେଳେ ପୁରୁଣା ଡ୍ରେନକୁ ପୋତାଯାଇ ନୂତନ ଭାବେ ଡ୍ରେନ ନିର୍ମାଣ କରାଯାଉଛି। ଏହି ଡ୍ରେନ ଦ୍ୱାରା କେବଳ ରାଜପଥର ଜଳ ନିଷ୍କାସନ ହେବାର ବ୍ୟବସ୍ଥା କରାଯାଉଥିବାରୁ ଉଭୟ ବଜାରର କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ଏନେଇ ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ସେଠାରେ ପହଞ୍ଚି କାମକୁ ବନ୍ଦ କରିବା ସହିତ ତହସିଲଦାରଙ୍କୁ ଜଣାଇଥିଲେ। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣକାରୀ ଠିକାଦାର କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ଶର୍ମା, କମ୍ପାନୀର ଇଞ୍ଜିନିୟର ମିରଦୁଲ ଶ୍ରୀବାସ୍ତବ ଓ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଭାତ ଦେଓଙ୍କ ଉପସ୍ଥିତିରେ ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ। ବଜାର ଅଞ୍ଚଳ ଓ ଜାତୀୟ ରାଜପଥର ଉଦ୍‌ବୃତ୍ତ ବର୍ଷାଜଳ କିଭଳି ସୁଚାରୁରୂପେ ନିଷ୍କାସନ ହୋଇପାରିବ ତାକୁ ଲକ୍ଷ୍ୟ ରଖି ଡ୍ରେନ ନିର୍ମାଣ କରିବାକୁ ତହସିଲଦାର ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ଜାରକା ବଜାରର କର୍ମକର୍ତ୍ତାଙ୍କ ସହିତ କୃଷକ ନେତା ବସନ୍ତ ପରିଡା, ରାଜକିଶୋର ଶତପଥୀ, ଅଖିଳ କୁମାର ସ୍ୱାଇଁ, ସୁଧାକର ରାଉତ, ଅକ୍ଷୟ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଜାରକା ବଜାର ଜଳ ନିଷ୍କାସନ ସମ୍ପର୍କରେ ଆଲୋଚନା କରାଯାଉଛି।

## ଜଗନ୍ନାଥ ସଂସ୍କୃତିର ପ୍ରଚାର କରୁଛନ୍ତି ଦିବ୍ୟାଙ୍ଗ

ଚଣ୍ଡିଖୋଲ,୩୧।୮(ଡ଼ି.ଏନ.ଏ)

ଦୃଷ୍ଟିହୀନ ଗୋଷ୍ଠୀର ସଦସ୍ୟମାନେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରଚାର ଓ ପ୍ରସାର କରୁଥିବା ଦେଖାଯାଇଛି। ଶନିବାର ବାଲିଚନ୍ଦ୍ରପୁର ବଜାରଠାରେ ୮ଜଣ ଦୃଷ୍ଟିହୀନ ଦିବ୍ୟାଙ୍ଗ ପୁରୁଷ ଓ ମହିଳା ଏ ସମ୍ପର୍କରେ ଭଜନ ଓ ପ୍ରବଚନ ମାଧ୍ୟମରେ ମହାପ୍ରଭୁ ଜଗନ୍ନାଥଙ୍କର ଧର୍ମ ସଂସ୍କୃତି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ପୁରୀ ଜିଲାରେ ଏକ ଅନୁଷ୍ଠାନ ଗଢି ସଞ୍ଜୟ କୁମାର ଶଙ୍ଖୁଆ, ପପୁନ ମହାରଣା ଓ ସୁମିତ୍ରା ଶଙ୍ଖୁଆ ପ୍ରମୁଖ ଏହି ସଂଗଠନର ନେତୃତ୍ୱ ନେଇ ବିଭିନ୍ନ ଜିଲା ପରିକ୍ରମା କରି ପ୍ରଚାର ଚଳାଇଛନ୍ତି। ଏଥିରେ ଆନନ୍ଦ ପ୍ରକାଶ କରି ବହୁ ହିନ୍ଦୁ ଧର୍ମାବଲମ୍ବୀମାନେ ସେମାନଙ୍କୁ ଆର୍ଥିକ ସହଯୋଗ କରୁଥିବା ଦେଖାଦେଇଛି। ସେମାନେ ଜଗନ୍ନାଥଙ୍କ ପ୍ରତି ସମର୍ପିତ ହୋଇ ଏଭଳି ପ୍ରଚାର ପ୍ରସାର କରୁଥିବା ପ୍ରକାଶ କରିଛନ୍ତି।



ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ବଧୂହତ୍ୟା ଅଭିଯୋଗ

ଛତିଆ,୩୧।୮(ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ପାରିଆ ପଞ୍ଚାୟତର ବରୁଣିଆ ଗ୍ରାମର ଧୁଶାସନ ପ୍ରଧାନଙ୍କ ପୁଅ ବାପି ପ୍ରଧାନ(୩୫) ୪ବର୍ଷ ତଳେ କଟକ ଜିଲା ଉଚ୍ଚପଦା ପଞ୍ଚାୟତର ମଣିଆ ଗ୍ରାମର ଗଙ୍ଗାଧର ବାହାଲିଆଙ୍କ ଝିଅ ଲକ୍ସିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ଲକ୍ସିଙ୍କ ମୃତ୍ୟୁ ହୋଇଥିବାନେଇ ବାପି ସ୍ତ୍ରୀଙ୍କ ବାପ ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚିବାପରେ ଲକ୍ସିଙ୍କ ହୃଦ୍‌ଘାତରେ ପରଲୋକ ହୋଇ ଯାଇଥିବା କହିଥିଲେ। ତେବେ ବାପ ଘର ଲୋକଙ୍କ ସନ୍ଦେହ ହେବାରୁ ଏନେଇ ବୈରୀ ଥାନାରେ ଲିଖିତ ଆକାରରେ ଶନିବାର ସ୍ୱାମୀ ଶାଶୁ, ଶଶୁରଙ୍କ ନାମରେ ଅଭିଯୋଗ କରିଥିଲେ। ଏଖବର ଜାଣିବା ପରେ ବୈରୀ ଥାନା ଏଏସ୍ଆଇ ବିଶ୍ୱଜିତ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବୈରୀ ପୋଲିସ୍ କହିଛି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଧର୍ମଶାଳା,୩୧।୮(ଡି.ଏନ୍.ଏ.)

ଧର୍ମଶାଳା ବାଣୀପୀଠରେ ଶିକ୍ଷୟିତ୍ରୀ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଆୟୋଜିତ ବିଦାୟକାଳୀନ ସଭାରେ ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ସ୍ୱାଇଁଙ୍କ ଶିକ୍ଷାଦାନ ପଦ୍ଧତି ଓ ଛାତ୍ରବତ୍ସଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରଭାତୀ କର, ସାଗରିକା ମହାରଣା, ସରସ୍ୱତୀ ପଣ୍ଡା, ଶିକ୍ଷକ ପ୍ରଭାତ କୁମାର କର, ପଦ୍ମନାଭ ସ୍ୱାଇଁ ଓ ପ୍ରଭାତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ସାଇ ସମ୍ପୂର୍ଣ୍ଣା ପାଣି,ବୈଶାଖୀ ମଲିକ, ସଙ୍ଘମିତ୍ରା ମୁଦୁଲି, ଦେବୀ ପ୍ରସାଦ ଦାଶ, ମହିପ୍ରକାଶ ସାହୁ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ଛାତ୍ରବତ୍ସଳତା, ସମାୟାନୁବର୍ତ୍ତିତା ଓ ଉତ୍ତମ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍କୁଲରୁ ତାଙ୍କୁ ଏକ ଶୋଭାଯାତ୍ରାରେ ଚହଟାସ୍ଥିତ ତାଙ୍କ ବାସଭାବନକୁ ନିଆଯାଇଥିଲା ।



## ଅନ୍ୟର ଏଟିଏମ୍ କାର୍ଡରୁ ଟଙ୍କା ଉଠାଇ ଜେଲଗଲେ ଯୁବକ

ବିଞ୍ଝାରପୁର,୩୧।୮(ଡି.ଏନ୍.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଅରେଇ ଗ୍ରାମର ଶିବସୁନ୍ଦର ନାୟକଙ୍କୁ ଚଞ୍ଚକତା କରି ଅନ୍ୟର ଏଟିଏମ୍ କାର୍ଡ ବ୍ୟବହାର କରି ଅର୍ଥ ଉଠାଇଥିବା ଅଭିଯୋଗରେ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଖବରମୁତାବକ ଅରେଇ ଅଞ୍ଚଳର ଏକ ସ୍ୱୟଂ ସହାୟକ ଗୋଷ୍ଠୀର କବିତା ଯେନା ସଦସ୍ୟା ହୋଇଥିବାବେଳେ ତାଙ୍କର ବ୍ୟାଙ୍କ ଖାତାକୁ ଏକ ଜରୁରୀ କାର୍ଯ୍ୟ ନିମନ୍ତେ ଏହି ଗୋଷ୍ଠୀର ସମ୍ପାଦିକା ସୁନିତା ନାୟକଙ୍କୁ ଦେଇଥିଲେ। ତେବେ ଭୁଲ୍ ବଶତଃ ଉକ୍ତ ଖାତାରେ ତାଙ୍କ ଏଟିଏମ୍ କାର୍ଡ ରହିଯାଇଥିଲା। ଏପରି କି ଏଥିରେ ପାସ୍‌ୱାର୍ଡ ମଧ୍ୟ ଉଲ୍ଲେଖ ରହିଥିଲା। ଏହି ଏଟିଏମ୍ କାର୍ଡକୁ ସୁନିତାଙ୍କ ପୁଅ ଶିବ ସୁନ୍ଦର କୌଣସି ମତେ ପାଇ ସେଥିରୁ ୪୪ହଜାର ଟଙ୍କା ଉଠାଇ ନେଇଥିଲେ। ଏହି ଟଙ୍କା ଉଠାଣ ସମ୍ପର୍କରେ କବିତାଙ୍କ ମୋବାଇଲକୁ ମ୍ୟାସେଜ ଆସିବାରୁ କବିତା ଏଟିଏମ୍ ଖୋଜିଥିଲେ ମାତ୍ର ନ ପାଇବାରୁ ୧୭।୭।୨୦୧୯ରେ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୧୬୧/୧୯) ରୁଜୁ କରି ତଦନ୍ତ କରିବା ସହିତ ଟଙ୍କା ଉଠାଯାଇଥିବା ଏଟିଏମ୍ କାଉଣ୍ଟରର ସିସି ଟିଭି ଫୁଟେଜ ଯାଞ୍ଚ କରିଥିଲା। ସୁନିତାଙ୍କ ପୁଅ ଶିବ ସୁନ୍ଦର ଏହି ଟଙ୍କା ଉଠାଣ କରିଛି ବୋଲି ତଦନ୍ତରୁ ଜଣାପଡ଼ିଥିଲା। ତେବେ ଏହି ଘଟଣାକୁ ନେଇ ଶନିବାର ପୂର୍ବାହ୍ନରେ ଅରେଇ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟାଙ୍କ ସମେତ ଗ୍ରାମର ଉଭୟ ପକ୍ଷଙ୍କ ଭଦ୍ରଲୋକଙ୍କ ଜରିଆରେ ଆପୋଷ ବୁଝାମଣା କରାଯାଇଥିଲେ ମଧ୍ୟ ପୋଲିସ ଏହି ଆପୋସ ବୁଝାମଣପତ୍ରକୁ ଆଗ୍ରାହ୍ୟ କରିଦେବାରୁ ଯୁବକ ଜଣଙ୍କୁ ଜେଲ ଯିବାକୁ ପଡିଛି।

■ ଇଚ୍ଛାଶକ୍ତି ଆଗରେ ହାର ମାନିଲା ଦାରିଦ୍ର୍ୟ

## କଲେଜରେ ପଢ଼ିଲେ ମାଙ୍କେଡ଼ିଆ ଜନଜାତି ବର୍ଗର ଛାତ୍ରୀ ବାହାମା

ସୁକିନ୍ଦା,୩୧।୮(ଡି.ଏନ୍.ଏ.)

ଅଭାବ ଅନଟନ ସହ ଦାରିଦ୍ର୍ୟର ତାଡ଼ନାରେ ସଢୁଥିବା ମାଙ୍କେଡିଆ ଜନଜାତି ବର୍ଗର ଜଣେ ଛାତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ କଲେଜରେ ପାଠପଢ଼ିବାର ସୁଯୋଗ ଦେଇଛି। ସମସ୍ତ ଅଭାବ ଅସୁବିଧାକୁ ପଛରେ ପକାଇ ଉଚ୍ଚ ଶିକ୍ଷା ପାଇଁ ସୁକିନ୍ଦା ମହାବିଦ୍ୟାଳୟରେ ନାମ ଲେଖାଇଛନ୍ତି ଯାଜପୁର ଜିଲା ସୁକିନ୍ଦା ବ୍ଲକ ମଲ୍ଲାରସାହି ମାଙ୍କେଡିଆ ବସ୍ତିର ସାଧୁ ମାଙ୍କେଡିଆଙ୍କ ଝିଅ ବାହାମା ମାଙ୍କେଡିଆ। ବଣ ଜଙ୍ଗଲ ପାହାଡ଼ ପର୍ବତ ଘେରାରେ ବୁଲି ଖାଦ୍ୟ ସାଉଁଟୁଥିବା ପରିବାର ପାଖରେ ଦିନେ ଶିକ୍ଷାର ମୂଲ୍ୟ ଜଣା ନ ଥିଲା। କିନ୍ତୁ ସମୟର ପରିବର୍ତ୍ତନ ଅନୁସାରେ ସେମାନଙ୍କ ମଧ୍ୟରେ ଶିକ୍ଷା ଲାଭ କରି ଆଗକୁ ବଢ଼ିବାର ଇଚ୍ଛାଶକ୍ତି ସୃଷ୍ଟି ହେଉଛି। ତେଣୁ ସରକାରଙ୍କ ସହାୟତା କିମ୍ବା କାହାର ଦୟାକୁ ନ ଚାହିଁ ନିଜ ପ୍ରଚେଷ୍ଟାରେ ପଢିବାର ସୁଯୋଗ ନିଜେ ହିଁ ସୃଷ୍ଟି କରି ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ବାହାମା। ପ୍ରାଥମିକ ଶିକ୍ଷା ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ଅନେକ ବାଛ ବିଚାରର ଶିକାର ହୋଇ ମଧ୍ୟ ଆଗକୁ ପଢିବାର ଉତ୍ସାହ ଆଜି ତାଙ୍କୁ ସଫଳତା ଦେଇପାରିଛି।



ଛାତ୍ରୀ ବାହାମାଙ୍କୁ କଲେଜ ପକ୍ଷରୁ ବ୍ୟାଗ ପ୍ରଦାନ କରାଯାଉଛି।

# ସାଢେ ୩ବର୍ଷ ପରେ ୫ଅଭିଯୁକ୍ତ ଗିରଫ

ବିଞ୍ଝାରପୁର,୩୧।୮(ଡି.ଏନ୍.ଏ)

### ବିଞ୍ଝାରପୁର ଅନରକିଲିଂ ଘଟଣା

ବିଞ୍ଝାରପୁର ଥାନା ଅନ୍ତର୍ଗତ ତଳସାହିଠାରେ ୨୦୧୬ ଫେବୃୟାରୀ ୧୬ରେ ଘଟିଥିବା ବହୁଚର୍ଚ୍ଚିତ ୧୪ବର୍ଷିୟା ନାବାଳିକା ରିନୁ ଜେନା ଅନର କିଲିଂ ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ବିଞ୍ଝାରପୁର ପୋଲିସ ନାବାଳିକା ରାନୁଙ୍କ ବାପା ନକୁଳ, ମା’ ସଞ୍ଜୁ ଏବଂ ମୁଖ୍ୟ ଅଭିଯୁକ୍ତ ଜଡ଼େଇ ଯେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାକ୍ରମରେ ଶନିବାର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟ ସହେଯାଗୀ ଅଭିଯୁକ୍ତ ବିଞ୍ଝାରପୁର ତଳସାହିର ଅଜୟ ଯେନା(୩୫), ରଞ୍ଜନ ଯେନା(୪୯), ରମେଶ ଯେନା(୩୩), ଘନଶ୍ୟାମ ଯେନା(୪୮) ଓ ଗଣେଷ ଯେନା(୪୧)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଓ ବିଞ୍ଝାରପୁର ଥାନା ପୋଲିସ ମିଳିତ ଚଢ଼ାଉ କରି ଏହି ୫ ଅଭିଯୁକ୍ତଙ୍କୁ ବିଞ୍ଝାରପୁର ତଳସାହି ଠାରୁ ଶୁକ୍ରବାର ରାତିରେ ଗିରଫ କରିଛି।

ପ୍ରକାଶ ଯେ, ବିଞ୍ଝାରପୁର ପଞ୍ଚାୟତର ତଳସାହିର ରିନୁ ଗର୍ଭବତୀ ଥିବା ଜାଣିବା ପରେ ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମାମଲାର ମୁଖ୍ୟ ଅଭିଯୁକ୍ତ ଜଡେଇଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କେନ୍ଦ୍ର କରି ରିନୁ ଓ ମା’ ସଞ୍ଜୁଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହେଉଥିଲା। ନିନ୍ଦା ଅପବାଦକୁ ଭୟ କରି ବାପା ଓ ମା’ ଝିଅକୁ ହତ୍ୟା କରିବାକୁ ଯୋଜନା ରଚିଥିଲେ। ଏଥିରେ ଜଡେଇ ମଧ୍ୟ ସେମାନଙ୍କୁ ସହଯୋଗ କରିଥିଲେ। ଘଟଣା ରାତିରେ ରିନୁଙ୍କ ବାପା ନକୁଳ ଝିଅକୁ ନିସ୍ଠୁକ ପିଟିବାପରେ ଉଭୟ ମା’ବାପା ମିଶି ଝିଅକୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡର ପ୍ରମାଣ ଲୁଚାଇବାକୁ ଯାଇ ରିନୁଙ୍କ ମା’ବାପା ଜଡେଇ ଓ ତାଙ୍କ ୧୫ରୁ ଉର୍ଦ୍ଧ ସହଯୋଗୀ ମିଶି ମୃତ ଦେହକୁ ବାଡି ପଛପଟେ ପୋଡ଼ି ଦେଇ ସମସ୍ତ ଅସ୍ଥି ଓ ପାଉଁଶକୁ ସ୍ଥାନୀୟ ଖରସ୍ରୋତା ନଦୀରେ ଭସାଇ ଦେଇଥିଲେ। ଏପରିକି ରିନୁଙ୍କ ପିନ୍ଧା ଡ୍ରେସ୍‌କୁ ମଧ୍ୟ ପୋଡ଼ି ନଦୀରେ ଭସାଇ ଦେଇଥିଲେ । କୌଣସି ପରିସ୍ଥିତିରେ ପୋଲିସକୁ ଜଣା ନ ପଡିବା ପାଇଁ ରିନୁଙ୍କ ମୃତ ଦେହ ଜଳାଯାଇଥିବା ସ୍ଥାନକୁ ରାତାରାତି ଲିପାଯାଇଥିଲା। ରାନୁ ହତ୍ୟା ଘଟଣାକୁ ସନ୍ଦେହ କରି ଗ୍ରାମର ଜଣେ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁରା ଘଟଣା ଉପରୁ ପରଦା ହଟିଥିଲା। ପୋଲିସ ରିନୁଙ୍କ ମା’ବାପାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହିତ ଘଟଣା ପରଠାରୁ ଜଡ଼େଇ ଫେରାଇ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ତତ୍କାଳୀନ ଏସ୍‌ପି ଅନୁପ ସାହୁଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଲିସ ଟିମ୍ ଜଡ଼େଇଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଦେଇଥିଲା। ସେହିବର୍ଷ ଏପ୍ରିଲ ୪ତାରିଖରେ ବିଞ୍ଝାରପୁର ପୋଲିସ ଓ ସ୍ୱତନ୍ତ୍ର ପୋଲିସ ଟିମ୍ ଜଡେଇଙ୍କୁ ଭଦ୍ରକ ଅଞ୍ଚଳରୁ ଗିରଫ କରି ଗୋପନରେ ରଖି ପଚରାଉଚରା ପରେ ବିଞ୍ଝାରପୁର ଥାନା କେସ (ନଂ. ୪୫/୧୬)ରେ କୋର୍ଟଚାଲାଣ କରିଥିଲା। ଜଡ଼େଇଙ୍କ ଗିରଫ ପୂର୍ବରୁ ମାର୍ଚ୍ଚ ୧୨ତାରିଖରେ ଜଡେଇଙ୍କ ସହଯୋଗୀ ଟେରୁ ଯେନାଙ୍କୁ ପୋଲିସ ଗିରଫ କରିଥିଲା। ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାରେ ଜଡ଼େଇଙ୍କ ଦୁଇ ସହଯୋଗୀ ପାଇକେରା ଯେନା ୧୬।୫।୨୦୧୬ ଓ ୨୩।୫।୨୦୧୬ରେ ଅନ୍ୟତମ ସହଯୋଗୀ ଭିମସେନ ଯେନା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଅନ୍ୟସହଯୋଗୀମାନେ ଫେରାର ଥିଲେ। ଏହି ଅନରକିଲିଂ ଘଟଣା ସେତେବେଳେ ଜିଲା ତଥା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା।



ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ।

## ସଂକ୍ଷେପରେ

### ଅଟୋ-ମିନିଟ୍ରକ୍ ଧକ୍କା: ମହିଳା ଆହତ

**କୋରେଇ,୩୧।୮(ସ୍ୱ.ପ୍ର)-** ପାଣିକୋଇଲି ଥାନା ୨୦ ନମ୍ବର ଜାତୀୟ ରାଜପଥ ପାଣିକୋଇଲିର ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋକୁ ମିନିଟ୍ରକ ଧକ୍କା ଦେବା ଫଳରେ ଡ୍ରାଇଭର ସମେତ ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି। ଅକରପଡାରୁ ଯାଜପୁରରୋଡ ଯାଉଥିବା ଏକ ଯାତ୍ରୀବାହୀ ଅଟୋକୁ ୪୦୭ ଧକ୍କା ଦେବାରୁ ଡ୍ରାଇଭର କରୁଣ ମଲିକ ଓ ଯାତ୍ରୀ ଝୁମା ଯେନା(୬୫) ଆହତ ହୋଇଥିଲେ । ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଥିଲା।ଷଠିପୁର ବଜାରରୁ ରାଜପଥକୁ ଉଠିବାବେଳେ ଟ୍ରକକୁ ଓଭରଟେକ କରିଆସୁଥିବାବେଳେ ଟ୍ରକ ପଛରେ ପିଟି ହୋଇଥିଲେ। ଫଳରେ ଜଗା ରାସ୍ତାକଡ଼କୁ ପଡିଥିବାବେଳେ ଆକା ରାସ୍ତା ମଝିରେ ପଡି ଯାଇଥିଲେ। ଯଦ୍ୱାରା ପଛରୁ ଆସୁଥିବା ଏକ ଟ୍ରକ (ଡବ୍ଲୁବି ୨୩ବି ୯୦୬) ତାଙ୍କ ଉପରେ ଚଢି ପଳାଇଥିଲା। ଘଟଣାସ୍ଥଳେ ଆକାଙ୍କର ମୃତ୍ୟୁ ହୋଇଥିବାବେଳେ ଜଗା ସମାନ୍ୟ ଆହତ ହୋଇଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ଗାଡି ଦୁଇଟିକୁ ଜବତ କରିଛି ।

### ଅଗ୍ନିକାଣ୍ଡରେ ଜଳିଗଲା ଘର

**କୋରେଇ,୩୧।୮(ଡି.ଏନ.ଏ.)-** କୋରେଇ ବ୍ଲକ ଅସନଝର ଗ୍ରାମ ପଞ୍ଚାୟତ ଅସନଝର ଗ୍ରାମର କାଳନ୍ଦୀ ନାୟକଙ୍କ ଘରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡ ଯୋଗୁ କାଳନ୍ଦୀଙ୍କ ଘର ଓ ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିଲା। ବୈତରଣୀ ରୋଡ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ଘରୁ କୌଣସି ଜିନିଷ ଉଦ୍ଧାର କରାଯାଇପାରି ନ ଥିଲା। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### ଶିକ୍ଷୟିତ୍ରୀଙ୍କୁ ମାଡ଼ ଅଭିଯୋଗ

**ବାସୁଦେବପୁର,୩୧।୮(ଡି.ଏନ.ଏ.)-** ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷାସହାୟିକା ଶିକ୍ଷୟିତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଅଭିଭାବକ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଆହତ ଶିକ୍ଷୟିତ୍ରୀ ଏ ନେଇ କଷିଆ ସାମୁଦ୍ରିକ ଥାନା ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଶୁକ୍ରବାର ସ୍କୁଲର କେତେକ ପିଲାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ସେ ଛାତ୍ରମାନଙ୍କୁ ଡକାଇ ତାଗିଦ୍ କରିବା ସହିତ ଘଟଣାର ସମାଧାନ କରିଥିଲେ। ସେହି ଛାତ୍ରଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ଅଭିଭାବକ ଝଗଡା କରିବା ସହିତ ଶ୍ରେଣୀଗୃହରେ ପଶି ତାଙ୍କୁ ମାଡ଼ ମାରିଥିଲେ ବୋଲି ଶିକ୍ଷୟିତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି।

### ନିର୍ମାଣ ଶ୍ରମିକ ବୋର୍ଡ କଲ୍ୟାଣ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

**ଯାଜପୁର ରୋଡ,୩୧।୮(ନି.ପ୍ର)-** ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର କଲ୍ୟାଣ ଅଧ୍ୟକ୍ଷ ସୁବାସ ସିଂ, ଯାଜପୁର ରୋଡ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ କୁହାଯାଇଥିଲା ଯେ, ନିର୍ମାଣ ଶ୍ରମିକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିବ ଓ ସେମାନେ ଏହି ଯୋଜନାରେ ଉପକୃତ ହେବେ। ଅଣ ସଂଗଠିତ ଶ୍ରମିକଙ୍କ ନାମ ପଞ୍ଜିକରଣ, ପରିବା ବ୍ୟବସାୟୀ ଓ ଅଟୋ ଡ୍ରାଇଭରଙ୍କ ନାମ ପଞ୍ଜିକରଣ କରିବା ସହିତ, ବ୍ଲକରେ ଏମ୍ଏନ୍ଆରଇଜିଏସରେ ନାମ ପଞ୍ଜିକରଣ, ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ଓ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ ଆଲୋଚନା କରିଥିଲେ। ଶ୍ରମ ବିଭାଗ ଶ୍ରମିକଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହ ସରକାରୀ ଯୋଜନାଗୁଡିକୁ ଠିକ୍ ସମୟରେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ, ମଧୁସୂଦନ ଜେନା, ପ୍ରଦୀପ ନାୟକ, ଅବିନାଶ ଦାସ୍, ନଟବର ପ୍ରଧାନ, ପରମାନନ୍ଦ ସେଠୀ, ଅଜୟ ଦାସ, ରମେଶ ଚନ୍ଦ୍ର ମହାନ୍ତି , ସୁଦାମ ଚରଣ ଓଝା ପ୍ରମୁଖ ଏକ ପ୍ରତିନିଧି ଦଳ କଲ୍ୟାଣ ବୋର୍ଡ ଅଧ୍ୟକ୍ଷଙ୍କୁ ୧୧ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କର ଅଭାବ ରହିଛି। ଫଳରେ ଶ୍ରମିକଙ୍କ ସମସ୍ୟାଗୁଡିକ ସମାଧାନ ହୋଇପାରୁ ନାହିଁ ବୋଲି କହିବା ସହ ପଦବୀ ପୂରଣ ପାଇଁ ଦାବି କରିଥିଲେ।

■ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଧୁରୁନି ସମସ୍ୟା

# ପୂରଣ ହେଲାନି ଗୋଟିଏ ବି ପ୍ରତିଶ୍ରୁତି

**ଦଶରଥପୁର,୩୧।୮(ଡି.ଏନ୍.ଏ.)**




- ୩ ଜିଲ୍ଲାରୁ ଦୈନିକ ଆସିଥାନ୍ତି ୫ ଶହରୁ ଉର୍ଦ୍ଧ୍ୱ ରୋଗୀ
- ବିଭିନ୍ନ ସମସ୍ୟା ୫ଦିନରେ ସୁଧାରିବାକୁ ବିଧାୟକ ଦେଇଥିଲେ ପ୍ରତିଶ୍ରୁତି
- ରୋଗୀ ଭୋଗୁଛନ୍ତି ଦୁର୍ଦ୍ଦଶା

ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟିକୋଟି ଟଙ୍କା ଯୋଗାଇ ଦେଉଛନ୍ତି। ଏହାସତ୍ତ୍ୱେ ରୋଗୀ ଏହି ସେବାରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଥିବା ପରିଲକ୍ଷିତ ହେଉଛି। ବିଭାଗୀୟ ଅଧିକାରୀ ତଥା ନେତାଙ୍କ ଅବହେଳା ଓ ଅଣଦେଖା ପାଇଁ ରୋଗୀଙ୍କ ପାଇଁ ହେଉଥିବା ଯୋଜନା ଠିକ୍ଭାବେ ରୂପାୟନ ହୋଇପାରୁ ନାହିଁ। ଏହାର ଉଦାହରଣ ଦଶରଥପୁର ବ୍ଲକର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଡ଼ୋଶୀ ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୈନିକ ଶହଶହ ରୋଗୀ ଆସିଥାନ୍ତି। ମାତ୍ର ରୋଗୀ ସଂଖ୍ୟା ତୁଳନାରେ ଡାକ୍ତର ଓ ନର୍ସଙ୍କର ଅଭାବ ରହିଛି। ତଥାପି କିଛିମାସ ତଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିବା ଡାକ୍ତର ଉମାକାନ୍ତ ମଲ୍ଲିକ୍ ଅଧିକ ସମୟ ଡ୍ୟୁଟି କରି ଏହି ସମସ୍ୟା ସମ୍ଭାଳି ନେବାକୁ ଉଦ୍ୟମ ଜାରି ରଖିଥିଲେ ହେଁ ଆନୁସଙ୍ଗିକ ସେବା ନ ପାଇ ରୋଗୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍)ର ଅଧ୍ୟକ୍ଷ ରହିବାକୁ ନିୟମ ରହିଥିଲାବେଳେ ପ୍ରାୟ ୪ବର୍ଷ ତଳେ ରାଜ୍ୟ ସରକାର ଏହି ନିୟମରେ ପରିବର୍ତ୍ତନ କରିଛନ୍ତି। ତେବେ ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷଙ୍କ ସ୍ଥାନରେ ବିଧାୟିକା ଏବଂ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀରେ ରହୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆର୍‌କେଏସ୍‌ର ଅଧ୍ୟକ୍ଷ ରହିବାକୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିଛନ୍ତି। ଏହି ପର୍ଯ୍ୟାୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଥାଲକୁଡି ପଞ୍ଚାୟତ ଥାଲକୁଡି ପ୍ଲଟ୍ ଖାତା ଓ ମୌଜାରେ ରହିଥିବାବେଳେ ମଙ୍ଗଳପୁର ପଞ୍ଚାୟତ ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆର୍‌କେଏସ୍‌ର ଅଧ୍ୟକ୍ଷ ପଦକୁ ନେଇ ଦୁଇ ନିର୍ବାଚନମଣ୍ଡଳୀର ବିଧାୟକଙ୍କ ମଧ୍ୟରେ ଏକ ପ୍ରକାର ଶୀତଳ ଯୁଦ୍ଧ ଲାଗି ରହିଛି। ଏହି କାରଣରୁ ଦୀର୍ଘ ୩ ବର୍ଷ ଧରି ଏଠାରେ କେହି ଅଧ୍ୟକ୍ଷ ପଦରେ ନ ଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ଏହାପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆର୍‌କେଏସ୍ ଅଧ୍ୟକ୍ଷ ହେବାପରେ ୨୦୧୮ ଜୁଲାଇ ୪ରେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍‌କେଏସ୍ ବୈଠକ ବସିଥିଲା। ଏହି ବୈଠକ ସମୟରେ ୫ଦିନ ମଧ୍ୟରେ ଏକ ଆମ୍ବୁଲାନ୍ସ ଓ ଆବଶ୍ୟକ ଥିବା ୫ଟି ଏସି, ସ୍ୱାସ୍ଥ୍ୟକେନ୍ଦ୍ରର ଭାଙ୍ଗିଯାଇଥିବା ପାଚେରି ନିର୍ମାଣ, ଖରାପ ହୋଇପଡିଥିବା ନଳକୂପ ମରାମତି ଏବଂ ଦୀର୍ଘ ୩ବର୍ଷ ତଳୁ ଦେଢକୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇସାରିଥିବା ଷ୍ଟାଫ୍ କ୍ୱାର୍ଟରକୁ ଡାକ୍ତର ଓ ଷ୍ଟାଫ୍‌ଙ୍କୁ ଯୋଗାଇ ଦିଆଯିବା ଭଳି ବିଧାୟକ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତିକୁ ଦେଢ଼ବର୍ଷ ପୂରିବାକୁ ବସିଥିବାବେଳେ ପ୍ରଣବ ପ୍ରକାଶ ଦାସ ପୁଣିଥରେ ମଧ୍ୟ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ଏଯାବତ୍ ଉକ୍ତ ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ଯାହାକି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ଦୈନିକ ୩ ଜିଲାରୁ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାକୁ ଚିକିତ୍ସା ଲାଗି ଆସୁଥିବାବେଳେ ଚିକିତ୍ସା ତ ମିଳୁଛି, ମାତ୍ର ଏଠାରେ ଚିକିତ୍ସାସହ ଆନୁସଙ୍ଗିକ ଆମ୍ବୁଲାନ୍ସ ସେବା ଏବଂ ଏସି ନ ଥିବା କାରଣରୁ ରୋଗୀଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବା ଜଣାଯାଇଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକ୍‌ଙ୍କୁ ପଚାରିବାରେ, ଘଟଣା ସମ୍ପର୍କରେ ସେ ବିଧାୟକ ଦାସଙ୍କୁ ଚିଠି କରିଛନ୍ତି, ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ କହିଥିବା ପ୍ରକାଶ କରିଛନ୍ତି।

### ସହଜ ଯୋଗ ଶିବିର, ସଚେତନତା ରଥ ପରିକ୍ରମା

**ଚଣ୍ଡିଖୋଲ,୩୧।୮(ଡ଼ି.ଏନ.ଏ)**

ଶରୀରକୁ ନିରୋଗ ରଖିବା ପାଇଁ ଯୋଗର ଆବଶ୍ୟକତା ଜରୁରୀ। ସେଥିପାଇଁ ବିଶେଷ କଷ୍ଟ ନ କରି କିପରି ସହଜରେ ଯୋଗ ଶିକ୍ଷା କରି ହେବ ଏବଂ ସମସ୍ତେ ନିରୋଗ ରହିପାରିବେ ସେନେଇ ଶୁକ୍ରବାର ବାଲିଚନ୍ଦ୍ରପୁରଠାରେ ଏକ ସହଜ ଯୋଗ ଶିବିର ଓ ସଚେତନତା ରଥ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପତରାଜପୁରସ୍ଥିତ ବର୍ଷା କେବୁଲ ପରିସରରୁ ଏକ ସୁସଜ୍ଜିତ ରଥକୁ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ସ୍ୱାଗତ କରିବା ସହ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରାଇଥିଲେ। ଯୋଗ ସଂସ୍ଥାପିକା ନିର୍ମଳା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ସାରା ଭାରତ ବର୍ଷରେ ଚାଲୁଛି। ଧ୍ୟାନପଦ୍ଧତିରେ କିପରି ହଜମ ଶକ୍ତି ବୃଦ୍ଧି ହେବା ସହ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟେଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ସେଥିନେଇ ପ୍ରଚାର ପ୍ରସାର କରାଯାଇଥିଲା। ଦୁଃଶାସନ ସାହୁ, ନବଘନ ସାହୁ, ନିବାରଣ ସାହୁ, ମମତା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ରାଜ୍ୟରୁ ଆସିଥିବା ଅତିଥିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

■ ଯାଜପୁର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

# 'ଯାଜପୁର ସହର ପର୍ଯ୍ୟଟନ ରାଜଧାନୀ ପାଲଟିବ'

**ଯାଜପୁର ଟାଉନ,୩୧।୮(ଡିଏନଏ)**

ଯାଜପୁର ପୌର ପ୍ରଶାସନ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଦିବସ ପାଇଁ ଯାଜପୁର ସହର କୁସୁମା ପୋଖରୀ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ପୂର୍ବରୁ ଯାଜପୁର ସହର ଓ ଆଜିର ଯାଜପୁର ସହର ମଧ୍ୟରେ ଅନେକ ଫରକ ଆସିଛି ବୋଲି କହିଥିଲେ। କୁସୁମା ହ୍ରଦ, ଚଉଡା ରାସ୍ତା, ବରାହ କ୍ଷେତ୍ରର ଉନ୍ନୟନ, କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ସୁଦୃଢୀକରଣ, ମେଡିକାଲ କଲେଜ ପ୍ରତିଷ୍ଠା ସହ ଆକର୍ଷଣୀୟ ପ୍ରଶାସନିକ ଭବନ ନିର୍ମାଣର ମୂଳଦୁଆ ପଡିସାରିଛି। ଯାଜପୁର ଭବିଷ୍ୟତରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଏକ ଶ୍ରେଷ୍ଠ କ୍ଷେତ୍ର ଭାବେ ପରିଗଣିତ ହୋଇ ରାଜ୍ୟର ପର୍ଯ୍ୟଟନ ରାଜଧାନୀ ଭାବେ ପରିଚୟ ପାଇବ ବୋଲି କହିଥିଲେ। ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ସାଧାରଣ ଲୋକେ ଏହି ସହରକୁ ସ୍ୱଚ୍ଛ ରଖିବା ପାଇଁ ଦାୟିତ୍ୱ ନେବା ଆବଶ୍ୟକ। ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଅତିଥି ଭାବେ ଯୋଗଦେଇଥିବା ବେଳେ ପୌରନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଦିବସରେ ଜିଲାପାଳ ସଚେତନତା ଉଦ୍ଦେଶ୍ୟରେ ଏକ ବିଶାଳ ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ଜିଲାପାଳ ଦାସ ପରିଷଦ ପରିସର ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ, କର୍ମଚାରୀଙ୍କୁ ପୋଷାକ ବଣ୍ଟନ, ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ କୁସୁମା ହ୍ରଦ ନିକଟରେ ବୃକ୍ଷରୋପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ପୂର୍ବତନ ପାରିଷଦ ସନ୍ତୋଷ କୁମାର ମଲ୍ଲିକ, ଦୀପକ ଦାସ, ପୌର ପରିଷଦର ଓଏସ୍‌ଡି ସୁଦର୍ଶନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଗଣପତିପୁରଠାରେ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା।



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବାହାରିଥିବା ପଦଯାତ୍ରା।

## ସ୍ୱାଧୀନତା ସଂଗ୍ରାମୀ ଜନ୍ମେଶ୍ୱରଙ୍କ ସ୍ମୃତିଚାରଣ ସଭା



ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିମାନେ।

**ରସୁଲପୁର,୩୧।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ କୁସୁନପୁର ଗ୍ରାମ ଜନ୍ମମାଟିରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜନ୍ମେଶ୍ୱର ନାୟକଙ୍କ ସ୍ମୃତିଚାରଣ ସଭା ଶିକ୍ଷାବିତ ଗୋଲକ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତସଭାରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ ତଥା ବିଶିଷ୍ଟ ବାସ୍ତୁଶାସ୍ତ୍ରବିତ୍ ଈଶ୍ୱର ଚନ୍ଦ୍ର ଦ୍ୱିବେଦୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବିନାରାୟଣ ବେହେରା, ସମ୍ମାନିତ ଅତିଥି ଭାବରେ ଭିକାରୀ ସାମଲ, ସମାଜସେବୀ ସୁବ୍ରତ କୁମାର ମିଶ୍ର, ମାନବସମ୍ବଳ ଅଧିକାରୀ ସନାତନ ସାମଲ, ପୂର୍ବତନ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ପାତ୍ର, ବିଜୟ କୁମାର ପଣ୍ଡା, ବେଣୁଧର ମହାରଣା, ବୃନ୍ଦାବନ ଶତପଥି, ଅଲେଖ ପଲେଇ, କବି ହଳଧର ଗୁଇଁ, କାର୍ତ୍ତିକ ଚନ୍ଦ୍ର ସାହୁ, ଚକ୍ରଧର ଦାସ, ଅନନ୍ତ ଚନ୍ଦ୍ର ଦାସ, ନରେନ୍ଦ୍ର କୁମାର ବେହେରା, ପ୍ରଭାକର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜନ୍ମେଶ୍ୱର ନାୟକ ଜଣେ ବ୍ୟକ୍ତି ନ ଥିଲେ ବରଂ ସମଗ୍ର ରସୁଲପୁର ବ୍ଲକ ଅଞ୍ଚଳ ପାଇଁ ଏକ ଅନୁଷ୍ଠାନ ଥିଲେ । ସେ ଜୀବନର ପୁରା ସମୟ ସମାଜସେବାରେ ନିୟୋଜିତ କରିଥିଲେ । ଗାଁରେ ଶିକ୍ଷାର ପ୍ରସାର ଦିଗରେ ତାଙ୍କର ଅନନ୍ୟ ଅବଦାନ ଥିଲା ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ମହେଶ୍ୱର ଶତପଥି ଗୀତାପାଠ କରିଥିଲେ। ହାଇଟେକ୍ ମେଡିକାଲ କଲେଜ, ଭୁବନେଶ୍ୱର ଅଧ୍ୟକ୍ଷ ଭୀଷ୍ମପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିଠାରୁ ଆରମ୍ଭ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ

**ଯାଜପୁର ଟାଉନ,୩୧।୮(ଡିଏନଏ)**

ସେପ୍ଟେମ୍ବର ୧ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ହେବ। ଏହି ଜିଲାର ସମସ୍ତ ୧୬୧୯ଟି ଭୋଟ କେନ୍ଦ୍ର ସହ ସମସ୍ତ ଭୋଟର ସହାୟତା କେନ୍ଦ୍ରରେ ଏହାର ସୁବିଧା ଭୋଟରମାନେ ନେବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଓ ଭୋଟରଙ୍କର ଅନୁଧ୍ୟାନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ ଜିଲାରେ ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମୟରେ ଭୋଟରମାନେ ସେମାନଙ୍କ ତ୍ରୁଟିକୁ ସଂଶୋଧନ କରାଇପାରିବେ। ୨୦୧୯ ଜାନୁୟାରୀ ୧କୁ ଯେଉଁମାନଙ୍କୁ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହେଉଥିବ ସେମାନେ ସେମାନଙ୍କର କୌଣସି ଏକ ପ୍ରମାଣ ପତ୍ର ଓ ଫଟୋ ପ୍ରଦାନ କରି ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିପାରିବେ। ଭୋଟର କେନ୍ଦ୍ର ସହ ସମସ୍ତ ବ୍ଲକ, ତହସିଲ, ପୌର ପରିଷଦ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରରେ ମଧ୍ୟ ଭୋଟରମାନେ ସହାୟତା ପାଇପାରିବେ। ଏ ସମ୍ପର୍କରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ବିସ୍ତୃତ ସୂଚନା ଦେଇଥିଲେ। ବିଏଲଓ ଏବଂ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ସୋସିଆଲ ମିଡିଆରେ ବିଭିନ୍ନ ସୂଚନା ଭୋଟରଙ୍କୁ ପ୍ରଦାନ କରିବେ। ମୃତ, ସ୍ଥାନାନ୍ତର ଇତ୍ୟାଦି ଭୋଟରଙ୍କୁ ଚିହ୍ନଟ କରି ବାଦ ଦିଆଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ଡେପୁଟୀ କଲେକ୍ଟର ପ୍ରଜ୍ଞା ହୋତା, ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି, ସମସ୍ତ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### କଳାନାଗ ଉଦ୍ଧାର

**କୋରେଇ,୩୧।୮(ସ୍ୱ.ପ୍ର)**

କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ରଣପାଳ ଗ୍ରାମରୁ ଶନିବାର ଏକ କଳାନାଗ ଉଦ୍ଧାର କରାଯାଇ ବେଲେଶ୍ୱର ଜଙ୍ଗଲରେ ଛଡାଯାଇଛି। ରଣପାଳ ଗ୍ରାମର ମଧୁସୂଦନ ନନ୍ଦୀଙ୍କ ଘରେ ଏକ କଳା ନାଗସାପ ବାହାରିବା ଦେଖି ସ୍ନେକ ହେଲପ ଲାଇନକୁ ଖବର ଦିଆଯାଇଥିଲା । ମାତ୍ର କେହି ନ ଆସିବାରୁ ଗ୍ରାମର ସୁନୀଲ ନନ୍ଦୀ, ଦେବୀ ପ୍ରସାଦ ଦାଶ, ପ୍ରଦୀପ ପାଳ ଓ ସଂଗ୍ରାମ ଦାସ ପ୍ରମୁଖ କୌଶଳକ୍ରମେ ସାପଟିକୁ ଧରି ଏକ ବସ୍ତାରେ ପୁରାଇ ଜଙ୍ଗଲରେ ଛାଡି ଦେଇଥିଲେ।

## ୨ ମୋରମ ବୋଝେଇ ଟ୍ରକ୍ ଜବତ

**ଚଣ୍ଡିଖୋଲ,୩୧।୮(ଡ଼ି.ଏନ.ଏ):** ଚଣ୍ଡିଖୋଲ ଡାଲିଯୋଡ଼ା ବନବିଭାଗ ଓ ଭିଜିଲାନ୍ସ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ମିଳିତ ଚଢାଉ ଫଳରେ ଶନିବାର ୫ନଂ(କ) ଜାତୀୟ ରାଜପଥର ଓଳାଶୁଣୀ ଛକ ନିକଟରୁ ୨ଟି ମୋରମ ବୋଝେଇ ଟ୍ରକ ଜବତ କରାଯାଇଛି। ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼ରୁ ଚୋରା ମୋରମ ବୋଝେଇ କରି (ଓଆର୦୯ଇ୨୬୪୬) ଓ (ଓଆର୦୯ଡ଼ି୯୯୯୬) ୨ଟି ଟ୍ରକ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବାବେଳେ ବନବିଭାଗ ଅଧିକାରୀମାନେ ଜାତୀୟ ରାଜପଥର ଓଳାଶୁଣୀ ଛକଠାରେ ଟ୍ରକକୁ ଅଟକାଇଥିଲେ। ଏହି ସମୟରେ ଗାଡ଼ି ଚାଳକ ଦୌଡ଼ି ପଳାଇ ଯାଇଥିଲେ। ବନବିଭାଗ ରାଜ୍ୟ ସ୍ୱତନ୍ତ୍ର ସ୍କ୍ୱାର୍ଡ ଅଧିକାରୀ ରଜନୀକାନ୍ତ ମହାନ୍ତି ଓ ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

## ଆଲୋକୀକରଣ ଦୁର୍ନୀତିର ତଦନ୍ତ ଆରମ୍ଭ

**କୋରେଇ,୩୧।୮(ଡି.ଏନ.ଏ.)**

**ମୂଳାପାଳ ଗ୍ରାମ ପଞ୍ଚାୟତ**

କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତରେ ଆଲୋକୀକରଣରେ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଶନିବାର ଏହି ଘଟଣା ଉପରେ ବିଡିଓ ତଦନ୍ତ ଆରମ୍ଭ କରିଛନ୍ତି। ବିଡିଓ ଉମାକାନ୍ତ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ କୁମାର ସେନାପତି, ଜୁନିୟର ଇଞ୍ଜିନିୟର ନେହୁର ବେହେରା, ଜେଇ କୋରେଇ ଦେବାଶିଷ ମିଶ୍ର, ଭିଏଲଡବ୍ଲ୍ୟୁ ମୂଳାପାଳ ହୃଷିକେଶ ସିଂ, ଜିଆରଏସ୍ ସସ୍ମିତା ସାହୁଙ୍କ ସହିତ ଏକ ଟିମ୍ ଏହି ଦୁର୍ନୀତିର ତଦନ୍ତ କରିଥିବା ଜଣାପଡ଼ିଛି। ଏହି ଟିମ୍ ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକରେ ଲଗାଯାଇଥିବା ଲାଇଟ୍‌ଗୁଡିକୁ ଚିହ୍ନଟ କରି ଗଣନା ଆରମ୍ଭ କରିଥିଲେ। ସର୍ବପ୍ରଥମେ ମୂଳାପାଳ ଗ୍ରାମରେ ୬ଟି ଲାଇଟ୍ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରୁ ୨ଟି ଲାଇଟରେ ପୁରୁଣା ଷ୍ଟାଣ୍ଡ ଥିବାବେଳେ ବରପଦାରେ ୩ଟି ଲାଇଟ, ରଣପାଳରେ ୭ଟି ଲାଇଟ, ଗୋବିନ୍ଦପୁର ଗ୍ରାମରେ ୩ଟି ଲାଇଟ ଲାଗିଥିବା ତଦନ୍ତରୁ ଜଣାପଡିଥିଲା। ତେବେ ଆହୁରି ୪ଟି ଗ୍ରାମର ତଦନ୍ତ ବାକି ରହିଯାଇଥିବା ଜଣାପଡ଼ିଛି। ଆଉ ଏକ ଦିନ ଅନ୍ୟ ଗ୍ରାମଗୁଡ଼ିକରେ ତଦନ୍ତ କରାଯିବ ବୋଲି ଆସିଷ୍ଟାଣ୍ଟ ଇଞ୍ଜିନିୟର କହିଛନ୍ତି। ଏହି ତଦନ୍ତବେଳେ ଗୋବିନ୍ଦପୁରର ଗ୍ରାମବାସୀ ୩ଏ ନଦୀବନ୍ଧଠାରୁ ହରିଜନ ସାହି ପର୍ଯ୍ୟନ୍ତ ନାଲିଗୋଡି ମାଟି ରାସ୍ତା ନିର୍ମାଣରେ ଦୁର୍ନୀତି ହେଉଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟର ମଧ୍ୟ ଉପଯୁକ୍ତ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ କୁମାର ସେନାପତିଙ୍କୁ ପଚାରିବାରୁ, ତଦନ୍ତ ଆରମ୍ଭ ହୋଇଛି। ଯେଉଁ ସବୁ ବିଷୟର ତଦନ୍ତ ପାଇଁ ନିର୍ଦ୍ଦେଶ ଅଛି, ସେ ସବୁ ଉପରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

■ ବିଧାୟକ-ଡିଡିଏମ୍‌ଙ୍କ ସମାଧାନ ବୈଠକ

# ବାହାରି ପାରିଲାନି ସମାଧାନର ବାଟ

**କାଳିଆପାଣି,୩୧।୮(ଡିଏନଏ)**



ବୈଠକରେ ଉପସ୍ଥିତ ସୁକିନ୍ଦା ବିଧାୟକଙ୍କ ସମେତ ଟ୍ରକ୍ ମାଲିକ ସଂଘର ସଦସ୍ୟମାନେ।

ଫାଷ୍ଟ କମ୍ ଫାଷ୍ଟ ଲୋଡ଼ିଂ ବିବାଦ ତୁଟିବାର ନାଁ ଧରୁନାହିଁ। ଶନିବାର ଏ ନେଇ ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ (ଡିଡିଏମ)ଙ୍କ ପକ୍ଷରୁ ଆହୂତ ସମାଧାନ ବୈଠକ ଗଣ୍ଡଗୋଳରେ ଶେଷ ହୋଇଛି। କାଳିଆପାଣି ଖଣି ନିଗମ ଅତିଥିଭବନରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ବୈଠକରେ ଡିଡିଏମ ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳ ଅଧ୍ୟକ୍ଷତା କରିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ମଧ୍ୟସ୍ଥତାରେ ଯାଜପୁର ରୋଡ଼, ଚଣ୍ଡିଖୋଲ, ଡୁବୁରୀ, ସୁକିନ୍ଦା, କୁହିକା ଓ ଖଣି ଅଞ୍ଚଳରେ ରହିଥିବା ଟ୍ରକ ମାଲିକ ସଂଘ ସଭାପତି, ସମ୍ପାଦକଙ୍କୁ ନେଇ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ଆରମ୍ଭରୁ ଟ୍ରକ ମାଲିକ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏହାପରେ ଉଚ୍ଚ ନ୍ୟାୟଳୟଙ୍କ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ୧୦, ୧୨ ଓ ୧୪ ଚକିଆ ଟ୍ରକ ଲୋଡ଼ିଂ କ୍ଷେତ୍ରରେ ଏହା ଅନୁପାଳନ କରିବାକୁ ସର୍ବସମ୍ମତି ପ୍ରକାଶ ପାଇଥିଲା। କିନ୍ତୁ ଏହି ନିୟମ ଲାଗୁ ହେଲେ ପରିବହନ ଠିକାଦାରଙ୍କ ମନମାନି, ପରିବହନ ପ୍ରାପ୍ୟ ଦେବାରେ ଟାଳଟୁଳ ନୀତି, ପରିବହନ ଦର ନିର୍ଦ୍ଧାରଣ ଓ ଉପୁଜିଥିବା ବିଭିନ୍ନ ସମସ୍ୟା ସମାଧାନ କରିବା ନିମନ୍ତେ ସୁକିନ୍ଦା ମିନେରାଲ୍ସ ସଂଘ କାର୍ଯ୍ୟ କରିବା ନେଇ କିଛି ସଂଘ କାର୍ଯ୍ୟକର୍ତ୍ତା ପ୍ରସ୍ତାବ ଦେଇଥିବା ବେଳେ ଅନ୍ୟମାନେ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ବୈଠକରେ କୌଣସି ସମାଧାନ ସୂତ୍ର ବାହାରିପାରି ନ ଥିଲା। କୁହିକା ଟ୍ରକ ମାଲିକ ସଂଘ ସହଯୋଗୀ

**ଫାଷ୍ଟ କମ୍ ଫାଷ୍ଟ ଲୋଡ଼ିଂ ବିବାଦ**

ଟ୍ରକ ମାଲିକ ସଂଘ ସହ ଆଲୋଚନା କରି ଦୁଇଦିନ ଭିତରେ ଡିଡିଏମ୍‌ଙ୍କୁ ନିଜ ନିଷ୍ପତ୍ତି ଲିଖିତ ଭାବେ ଜଣାଇବାକୁ ସଭାପତି ବାବୁନୀ ରାଜ ପ୍ରକାଶ କରିବାରୁ ସେପ୍ଟେମ୍ବର ୪ରେ ପୁନଶ୍ଚ ଏକ ବୈଠକ ହୋଇ ଏହାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବହୁ ଟ୍ରକ ମାଲିକ ଅସନ୍ତୁଷ୍ଟ ହୋଇ ଫେରିଥିବା ଜଣାପଡ଼ିଛି। ସୁକିନ୍ଦା ମିନେରାଲ ସଭାପତି ବିଦ୍ୟାଧର ପାତ୍ର, ସମ୍ପାଦକ ବିଶ୍ୱଜିତ ମହାନ୍ତି, କୁହିକା ଟ୍ରକ ମାଲିକ ସଂଘ ସମ୍ପାଦକ ଅରୁଣ ପରିଡ଼ା, ରଞ୍ଜନ କୁମାର ନାୟକ, ଯାଜପୁର ଟ୍ରକ ମାଲିକ ସଂଘ ସଭାପତି କିଶୋର ରାଉତ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ ପ୍ରମୁଖଙ୍କ ସମେତ ଖଣି ନିଗମ ପରିଚାଳକ କାଠି ପ୍ରଧାନ ଉପସ୍ଥିତ ରହିଥିଲେ।




# ଓଏମ୍‌ସିର ଦୈତାରି ଲୌହ ଖଣି ଉତ୍ପାଦନ ବୃଦ୍ଧି ପ୍ରସ୍ତାବ

# ଲୋପ ପାଇବ ୧୧ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ

- ଅକ୍ଟୋବର ୪ରେ ହେବ ଜନଶୁଣାଣି
- ପ୍ରଭାବିତ ହେବେ ବନ୍ୟପ୍ରାଣୀ, ପକ୍ଷୀ, ସରୀସୃପ
- ପରିବେଶ ଅସନ୍ତୁଳନ, ଜୈବ ବିବିଧତା ହେବ ପ୍ରଭାବିତ

**ଯାଜପୁର ଅଫିସ,୩୧।୮**

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଦୈତାରୀ ଲୌହ ପଥର ଖଣି ସମ୍ପ୍ରସାରଣ ହେବ। ଦୈତାରୀ ସଂରକ୍ଷିତ ଜଙ୍ଗଲରେ ୧୦୧୮.୩୦୮୫ ହେକ୍ଟର ଅଞ୍ଚଳରେ ଅବସ୍ଥିତ ଦୈତାରୀ ଲୌହ ଖଣିର ଲୌହ ପଥର ଉତ୍ପାଦନ କ୍ଷମତା ବାର୍ଷିକ ୩.୦ ନିୟୁତ ଟନରୁ ବାର୍ଷିକ ୬.୦ ନିୟୁତ ଟନକୁ ବୃଦ୍ଧି କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ରହିଛି। ଏଥିପାଇଁ ଯାଜପୁର ଜିଲାର ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତ ପାଟଣା ଗ୍ରାମ ଅନ୍ତର୍ଗତ ଦେହୁରୀସାହି ଆମ୍ବତୋଟାଠାରେ ୪।୧୦।୨୦୧୯ ପୂର୍ବାହ୍ନ ୧୦ଟା ସମୟରେ ସର୍ବସାଧାରଣ ଜନଶୁଣାଣି କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଧାର୍ଯ୍ୟ କରିଛି। ତେବେ ମୁଖ୍ୟ କଥା ହେଲା ଏହି ଲୌହ ପଥର ଖଣିର ସମ୍ପ୍ରସାରଣ ହେଲେ ଜିଲାର ଦୈତାରୀ ସଂରକ୍ଷିତ ଜଙ୍ଗଲରୁ ହେକ୍ଟର ପିଛା ୧୩୦୦ ଗଛ ଅନୁସାରେ ପୁଣି ୧୧ଲକ୍ଷରୁ ଊର୍ଦ୍ଧ୍ୱ ପୂର୍ଣ୍ଣ ବିକଶିତ ଶାଳ ଗଛ ଲୋପ ପାଇବ। ଆଖପାଖ ପ୍ରାୟ ୧୦ଖଣ୍ଡ ଗ୍ରାମର ଅଧିବାସୀ ଏହି ଜଙ୍ଗଲ ଉପରେ ନିର୍ଭରଶୀଳ। ଉଭୟ ଯାଜପୁର ଓ କେନ୍ଦୁଝର ଜିଲାର ଜୈବ ବିବିଧତା ସମେତ ପରିବେଶ ସୁରକ୍ଷା ଏହି ଘନ ଜଙ୍ଗଲ ଉପରେ ନିୟନ୍ତ୍ରଣାଧୀନ। କିନ୍ତୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଓଏମ୍‌ସି ଭୁଆଁ ବୁଲାଇ ଜଙ୍ଗଲଜମିକୁ ନିଜ ଅକ୍ତିଆରରେ ନେବାକୁ ଉଦ୍ୟମ କରୁଥିବା ମତପ୍ରକାଶ ପାଇଛି। ସ୍ଥାନୀୟ ନିଯୁକ୍ତିକୁ ଓଏମ୍‌ସି ଆଦୌ ଗୁରୁତ୍ୱ ଦେଉ ନାହିଁ। ତେଣୁ ଜନଶୁଣାଣିରେ ଓଏମ୍‌ସିର ଦୈତାରୀ ଲୌହଖଣି ପ୍ରକଳ୍ପର ସମ୍ପସାରଣକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବାକୁ ପ୍ରସ୍ତୁତ ଚଳାଇଥିବା ଜାଣିବାକୁ ମିଳିଛି।



ଯାଜପୁର ଜିଲାର ଦୈତାରୀ ସଂରକ୍ଷିତ ଜଙ୍ଗଲ, କେନ୍ଦୁଝର ଜିଲା ହରିଚନ୍ଦନପୁର ତହସିଲର ତାଳପଡ଼ା ଓ ରେବଣା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଓଏମ୍‌ସି ପରିଚାଳିତ ଦୈତାରୀ ଲୁହାପଥର ଖଣି ଅବସ୍ଥିତ। ଏହି ଖଣି ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନଠାରୁ ୫୩ କି.ମି., କେନ୍ଦୁଝରରୁ ୧୬୯ କି.ମି. ଓ ଭୁବନେଶ୍ୱରରୁ ୧୬୬ କି.ମି. ଦୂରରେ ରହିଛି। ଭୁବନେଶ୍ୱର-କେନ୍ଦୁଝର ରେଳପଥରେ ଥିବା ଟମ୍‌କା ରେଳଷ୍ଟେଶନଠାରୁ ଦୈତାରୀ ଲୁହାପଥର ଖଣି ମାତ୍ର ୯ କି.ମି. ଦୂର। ଦୈତାରୀ ସଂରକ୍ଷିତ ଜଙ୍ଗଲରେ ୧୦୧୮.୩୦୮୫ ହେକ୍ଟର ଅଞ୍ଚଳରେ ଅବସ୍ଥିତ ଦୈତାରୀ ଲୌହ ଖଣି ସଂପ୍ରସାରଣ ହେଲେ ଶାଳ, କେନ୍ଦୁ, ଚାର, ଅସନ, କୁସୁମ, ମହୁଲ, ଆମ୍ବ ଇତ୍ୟାଦି ମୂଲ୍ୟବାନ ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏହି ଖଣି ଜଙ୍ଗଲରେ ଥିବା ପ୍ରାକୃତିକ ବୃକ୍ଷ ଗୁଡ଼ିକର ଉଚ୍ଚତା ୧୫ ମିଟର ହୋଇଥିବାବେଳେ ଗୋଲେଇ ୧.୫ ମିଟର ପର୍ଯ୍ୟନ୍ତ ରହିଛି। ଏସ୍‌ପିସିବି ପକ୍ଷରୁ ଶନିବାର ପ୍ରକାଶ ପାଇଥିବା ପରିବେଶ ପ୍ରଭାବ ମୂଲ୍ୟାୟନ ଓ ପରିବେଶ ପରିଚାଳନା ଯୋଜନା ରିପୋର୍ଟ ଅନୁସାରେ ଅଧ୍ୟୟନ କରାଯାଇଥିବା ଅଞ୍ଚଳରେ ହେକ୍ଟର ପ୍ରତି ପ୍ରାୟ ୧୩୦୦ ଗଛ ଅଛି ଓ ସେଗୁଡ଼ିକ ମଧ୍ୟରେ ପୂର୍ଣ୍ଣ ବିକାଶିତ ଶାଳ ଗଛ ବେଶୀ। ଏହି ଜଙ୍ଗଲ ଉପରେ ବହୁ ପ୍ରକାର ବନ୍ୟପ୍ରାଣୀ ସମେତ ମୂଷା, ସରୀସୃପ ଓ ପକ୍ଷୀ ଦେଖିବାକୁ ମିଳିଥାନ୍ତି। ସମୁଦାୟ ଖଣି ଅଞ୍ଚଳ ୧୦୧୮.୩୦୮୫ ହେକ୍ଟର ମଧ୍ୟରୁ ୮୪୬.୩୯୯୫ ହେକ୍ଟର ଜଙ୍ଗଲ ଜମି ଓ ୧୭୧.୯୦୯ ହେକ୍ଟର ଅଣଜଙ୍ଗଲ ଜମି। ତଦନୁସାରେ ପ୍ରାୟ ୧୧ଲକ୍ଷ ମୂଲ୍ୟବାନ ଗଛ ନଷ୍ଟ ହେବାକୁ ଯାଉଛି। ୨୦୧୮ରେ ଓଏମ୍‌ସିର ସୁକୁରଙ୍ଗି କ୍ରୋମାଇଟ ଖଣିର ବାର୍ଷିକ କ୍ରୋମାଇଟ ଉତ୍ପାଦନ କ୍ଷମତା ୧.୩ଲକ୍ଷ ଟନ୍‌ରୁ ୩ଲକ୍ଷ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ୯,୪୯୯ ମୂଲ୍ୟବାନ ଗଛ କଟାଯାଇ ସାରିଛି। ହେଲେ ଏପର୍ଯ୍ୟନ୍ତ ଓଏମ୍‌ସି ପକ୍ଷରୁ ଏତେ ପରିମାଣର ବୃକ୍ଷରୋପଣ ହୋଇପାରି ନାହିଁ। ଯାଜପୁର ଜିଲାରେ ଶିଳ୍ପ ଓ ଖଣି ଯୋଗୁ ଜଙ୍ଗଲ ସମ୍ପଦ ନଷ୍ଟ ସହ ପରିବେଶ ପ୍ରଭାବିତ ହୋଇଛି। କିଛି ବର୍ଷ ହେଲା ପରିବେଶ ସମ୍ପୂର୍ଣ୍ଣ ଅସନ୍ତୁଳିତ ହୋଇ ପଡ଼ିଛି। ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଅନିୟମିତ ବର୍ଷା ଯୋଗୁ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ହେଲେ ଏଥିପ୍ରତି କାହାରି ଦରଦ ନାହିଁ। ଓଏମ୍‌ସିର ବାର୍ଷିକ କ୍ଷମତା ବୃଦ୍ଧି ପାଇଁ ଲକ୍ଷାଧିକ ଗଛ କାଟିବାକୁ ପ୍ରସ୍ତାବ ରହିଥିଲେ ହେଁ ସେହି ଅନୁପାତରେ ବୃକ୍ଷରୋପଣ ହେଉ ନାହିଁ। ଏ ସଂକ୍ରାନ୍ତରେ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ଦୈତାରୀ ଖଣିର ୮୪୬.୩୯୯୫ ହେକ୍ଟର ଜଙ୍ଗଲ ଜମିରୁ ୧୧.୮୩୦୫ ହେକ୍ଟର ଖଣିର ନିରାପତ୍ତା ବଳୟ ଭାବରେ ରହିବ। ନିରାପତ୍ତା ବଳରେ ପ୍ରକଳ୍ପ ଖର୍ଚ୍ଚରେ ବୃକ୍ଷରୋପଣ ବନବିଭାଗ ଦ୍ୱାରା କରାଯିବ। ଖଣି ଯୋଗୁ କ୍ଷତି ହେଉଥିବା ବୃକ୍ଷଠାରୁ ବହୁ ଅଧିକ ବୃକ୍ଷ ଖଣିର ନିରାପତ୍ତା ବଳୟ ଏବଂ ଅନ୍ୟ ସ୍ଥାନରେ ଲଗାଯିବ ବୋଲି ଦର୍ଶାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ସେପ୍ଟେମ୍ବର, ୨୦୧୯



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
-ଗୋଲ୍ଡସ୍ମିଥ



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧ ତାରିଖ (ରବିବାର)**
◆ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଓରିଏଣ୍ଟେସନ୍ କର୍ମଶାଳା,ସ୍ଥାନ- କେସି କ୍ଲବ, ନୟାଗଡ଼, ସମୟ- ସକାଳ ୧୦ଟା
**୨ ତାରିଖ (ସୋମବାର)**
◆ପଣ୍ଡିତ ବିନାୟକ ମିଶ୍ର ଜୟନ୍ତୀ ସମାରୋହ ସ୍ଥାନ- ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼, ସମୟ- ମଧ୍ୟାହ୍ନ ୧୨ଟା
**୩ ତାରିଖ (ମଙ୍ଗଳବାର)**
◆ରାଗେଶ୍ରୀ ନିଳୟମ ମାସିକ ସଙ୍ଗୀତ ଆସର, ସ୍ଥାନ- କାଳିଦାସ ସଙ୍ଗୀତ ସଭା ଗୃହ, ନୟାଗଡ଼, ସମୟ- ସନ୍ଧ୍ୟା ୬ଟା

## ସଂକ୍ଷେପରେ

### ହରିପୁରରେ ଝାଡ଼ାବାନ୍ତି ଘଟଣା ଗାଁରେ ପହଞ୍ଚିଲା ଡାକ୍ତରୀ,ପ୍ରଶାସନ ଟିମ୍

**ବୋଲଗଡ଼,୩୧।୮(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁର ଆଦିବାସୀ ସାହିରେ ଝାଡ଼ାବାନ୍ତିରେ ଇତି ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ଜଣ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଶନିବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓ ଡା. ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ବଳଭଦ୍ର ବେହେରା, ଆୟୁଷ ଡାକ୍ତର ସୁଷମା ବେହେରା, ବିପିଏମ୍‌ଓ ଦିଲୀପ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ଦୀପକ ମହାନ୍ତି ଓ ଆଶାକର୍ମୀମାନେ ଗ୍ରାମରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ବିଡିଓ ମଧୁସୂଦନ ବେହେରାଙ୍କ ନେତୃତ୍ୱରେ ସିଡିପିଓ ବନବାସିନୀ ବିଶ୍ୱାଳ, ବିପିଏମ୍ ପ୍ରକାଶ ବଲିୟାରସିଂ, କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡ଼େଇ ଓ ଅଙ୍ଗନୱାଡି କର୍ମୀମାନେ ଗ୍ରାମକୁ ଯାଇଥିଲେ। ଟିମ୍ ସ୍ୱାସ୍ଥ୍ୟ ସଚେତନତା କରିବା ସହିତ ଔଷଧ ବଣ୍ଟନ କରିଛି । ପାନୀୟ ଜଳ ଯୋଗାଣ ଉତ୍ସଗୁଡ଼ିକରେ କ୍ଲୋରିନେଶନ କରାଯାଇଛି । ସୂଚନାଯୋଗ୍ୟ, ଏହି ଗ୍ରାମର ରବି ନାୟକ (୪୦)ଙ୍କ ଝାଡାବାନ୍ତିରେ ମୃତ୍ୟୁ ଘଟିଛି। ରବିଙ୍କର ସ୍ତ୍ରୀ ସୁକାନ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

### ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧ ଉତ୍ସବ

**ବୋଲଗଡ଼,୩୧।୮(ଡି.ଏନ.ଏ.):** ବୋଲଗଡ଼ସ୍ଥିତ ସିପିଆଇ କାର୍ଯ୍ୟାଳୟଠାରେ ସ୍ୱାଧୀନତା ସଂଗ୍ରାମୀ, ବେଗୁନିଆର ପୂର୍ବତନ ବିଧାୟକ ଓ କୃଷକ ନେତା ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ସମାରୋହ ଶନିବାର ସିପିଆଇ ପକ୍ଷରୁ ଅନୁଷ୍ଠିତ ହୋଇଛି । ସିପିଆଇର ଜିଲା କମିଟି ସଦସ୍ୟ ଆଡ୍‌ଭୋକେଟ ଅମୀୟ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ସ୍ୱର୍ଗତ ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷକ ନେତା ସୁମନ୍ତ ଛୋଟରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସିପିଆଇ ଯୋନ ସମ୍ପାଦକ ବିନୋଦ ବରାଡ୍, ବେଗୁନିଆ ଯୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ସୁବୁଦ୍ଧି, ଶିକ୍ଷକ ନେତା ବୈକୁଣ୍ଠ ମହାରଣା, ଦିବାକର ପରମଗୁରୁ, ଓକିଲ ସଂଘ ସଭାପତି ନବକିଶୋର ରାଉତରାୟ, ସିପିଆଇ ନେତା ଅଜୟ ମଙ୍ଗରାଜ, ଅବସରପ୍ରାପ୍ତ ପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ବାଲ୍ମିକ ବଲିୟାରସିଂ, ଶିକ୍ଷାବିତ୍ ଜଗତ ଚନ୍ଦ୍ର ସାହୁ, ଅର୍ଜୁନ ମହାନ୍ତି, ଆଡଭୋକେଟ ବ୍ରହ୍ମାନନ୍ଦ ଦାଶ ପଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

■ ପୌର ସଂସ୍ଥା ପାଳିଲା ପ୍ରଥମ ସ୍ୱାୟତ୍ତ ଶାସନ ଦିବସ

# ସହରକୁ ସ୍ୱଚ୍ଛ, ସୁନ୍ଦର ରଖିବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୩୧।୮**



ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

■ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

■୩ ପ୍ରକଳ୍ପ ପାଇଁ ୩ କୋଟି ୮୩ ଲକ୍ଷ ମଞ୍ଜୁର

ଗତ ଫେବୃୟାରୀ ମାସରେ ନୟାଗଡ଼ ଏନ୍‌ଏସି ପୌର ସଂସ୍ଥା ମାନ୍ୟତା ପାଇଥିଲା। ଶନିବାର ଏହା ପ୍ରଥମଥର ପାଇଁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛି। ପୌର ସଂସ୍ଥା କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ସହରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ବିଷୟରେ ସୂଚନା ଦେବା ସହିତ ସହର ଗଠନରେ ଜନସାଧାରଣ ସେମାନଙ୍କ ଭୂମିକା କ'ଣ ସେ ନେଇ ସଚେତନ ହେବାକୁ କହିଥିଲେ। ଏହି ଅବସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ସହର ପାଇଁ ଉଦ୍ଦିଷ୍ଟ ସେପଟେଜ୍ ବିଶୋଧନ କେନ୍ଦ୍ର (ମଳଖାଲ)ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୋଟ ୩ଟି ପ୍ରକଳ୍ପ ପାଇଁ ସେ ୩ କୋଟି ୮୩ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଭାଲୁଖୋଲଠାରେ ହେବାକୁ ଥିବା ମଳଖାଲ ପାଇଁ ୨ କୋଟି ୫୦ ଲକ୍ଷ, କ୍ଷେତ୍ରୀବରପୁରଠାରେ ହେବାକୁ ଥିବା ଓଦା ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ୭୮ ଲକ୍ଷ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିବା ସହିତ ସହରରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଓ ଆଗାମୀ ଦିନରେ ହେବାକୁ ଥିବା ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫ୍‌ଓ ଧନରାଜ ଏଚଡି, ପିଡି (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ପୌର ସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଫେଇ କର୍ମଚାରୀମାନଙ୍କୁ ପୋଷାକ ଓ ସୁରକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ୧୫୭ ହିତାଧିକାରୀଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଇଥିଲା। ସେହିଭଳି ୨୧୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

# ନାବାଳିକାଙ୍କୁ ଅପହରଣ, ଜେଲ୍ ଗଲେ ଯୁବକ

**ନୟାଗଡ଼ ଅଫିସ,୩୧।୮**



ଗିରଫ ଦୀନବନ୍ଧୁ।

ନୟାଗଡ଼ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା(୧୩)ଙ୍କୁ ଅପହରଣ କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଯୁବକ ଜଣକ ହେଲେ ସଦର ଥାନା ଗୁଣ୍ଡୁପାଙ୍ଗୀ ଗ୍ରାମର ଦୀନବନ୍ଧୁ ପ୍ରଧାନ (୨୦)। ଥାନାରୁ ମିଳିଥିବା ସୂଚନା ଅନୁସାରେ ଦୀନବନ୍ଧୁ ଗତ ୨୭ ତାରିଖ ରାତିରେ ନାବାଳିକାଙ୍କୁ ତାଙ୍କ ଘର ଆଗରୁ ଉଠାଇ ନେଇଥିଲେ। ପରଦିନ ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଯୁବକଙ୍କ ମୋବାଇଲ୍ ଟ୍ରାକିଂ କରି ଉଭୟ ନାବାଳିକା ଓ ଯୁବକ ଭୁବନେଶ୍ୱରରେ ଥିବା ଜାଣିବାକୁ ପାଇଥିଲା। ଶନିବାର ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ବ୍ରିଟ୍ କଲୋନୀରୁ ଉଦ୍ଧାର କରିବା ସହିତ ଯୁବକଙ୍କୁ ଗିରଫ କରିଥିଲା। ପରେ ପୋଲିସ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲା। ନାବାଳିକାଙ୍କ ବୟାନ ରେକର୍ଡ଼ କରାଯିବା ସହିତ ଡାକ୍ତରୀମାଇନା କରାଯାଇଥିଲା। ବର୍ତ୍ତମାନ ନାବାଳିକାଙ୍କୁ ଶିଶୁ ସୁଧାର ଗୃହରେ ରଖାଯାଇଛି ଓ ଆଗାମୀ ଦିନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଥାନାରେ ୧୨୧/୧୯ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୁଣ୍ଟବନ୍ଧ ଜେଲ୍‌କୁ ପଠାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।

# ରାସ୍ତାକଡ଼ରେ ବିପଦ ସାଜିଛି ଶୁଖିଲା ଗଛ

**ଗଣିଆ,୩୧।୮(ଡି.ଏନ.ଏ.)**



ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛ ।

ଗଣିଆ-ବଡମୂଳ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ବଡ ବଡ ଶୁଖିଲା ଗଛ ରହିଛି । ଗଛଗୁଡିକ ଶୁଖିଯିବା ପରେ କଟାଯାଉ ନ ଥିବାରୁ କେତେବେଳେ ଦୁର୍ଘଟଣା ଘଟିବ ତାହା କୁହାଯାଇପାରିବ ନାହିଁ । ବହୁ ବର୍ଷର ପୁରୁଣା ଗଛଗୁଡିକର ଶାଖା ଡାଳସବୁ ବର୍ଷା ପାଣି ପଡି ନଷ୍ଟ ହୋଇ ଅନେକ ସମୟରେ ଖଣ୍ଡ ଖଣ୍ଡ ହୋଇ ରାସ୍ତା ଉପରେ ପଡୁଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଦୈନିକ ବାଟୋଇମାନେ ନିଜକୁ ନିରାପଦ ମଣୁନାହାନ୍ତି। ଶନିବାର ଅପରାହ୍ନରେ ଏହି ରାସ୍ତାର ବେଠିଆସାହି ଗ୍ରାମ ନିକଟରେ ଏକ ଶୁଖିଲା ଆମ୍ବଗଛର ଡାଳ ଭାଙ୍ଗି ହଠାତ୍ ରାସ୍ତା ଉପରେ ପଡିଥିଲା । ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କେତେକ ବାଇକ୍ ଆରୋହୀ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ । ପରେ ବନ ବିଭାଗର କେତେଜଣ ଅସ୍ଥାୟୀ କର୍ମଚାରୀ ଓ ବାଟୋଇ ରାସ୍ତା ଉପରେ ପଡିଥିବା ଡାଳଗୁଡିକ ସଫା କରିଥିଲେ। ଏହି ପରିପ୍ରେକ୍ଷୀରେ ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଗୁଡିକୁ କଟାଯାଇ ସେହି ସ୍ଥାନରେ ନୂତନ ଗଛ ରୋପଣ କରିବା ପାଇଁ ସ୍ଥାନୀୟ ପରିବେଶବିତ୍ ମତ ଦେଇଛନ୍ତି। ପୂର୍ତ୍ତ ବିଭାଗ ଅଧିକାରୀ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶୁଖିଲା ଗଛଗୁଡିକୁ ତୁରନ୍ତ ହଟାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗଣିଆ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ସଞ୍ଜୟ କେତନ ନାୟକଙ୍କୁ ପଚାରିବାରୁ ସେ ଗଣିଆ-ବଡମୂଳ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶୁଖିଲା ଗଛଗୁଡିକୁ ହଟାଇବା ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

■ ରଣପୁର ଓକିଲ ସଂଘ ବୈଠକ

# ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ଦାବି



ବୈଠକରେ ଯୋଗଦେଇଥିବା ବିଧାୟକ, ଓକିଲ।

**ରଣପୁର,୩୧।୮(ସ୍ୱ.ପ୍ର.)**

**ମେଡ଼ିକାଲ କଲେଜ ହେଉ ବସନ୍ତମଞ୍ଜରୀ ହସ୍‌ପିଟାଲ**

ରଣପୁର ଓକିଲ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରଣପୁରର ବିକାଶ ନିମନ୍ତେ ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ରଣପୁରକୁ ସବ୍‌ଡିଭିଜନ ମାନ୍ୟତା, ସବଜଜ୍ କୋର୍ଟ ସ୍ଥାପନ ନିମନ୍ତେ ବ୍ୟୟବରାଦ, ଚାନ୍ଦପୁର ବସନ୍ତମଞ୍ଜରୀ ହସ୍‌ପିଟାଲକୁ ମେଡିକାଲ କଲେଜ କରିବା, ଦେୱାନି ମକଦ୍ଦମା ଓ ଜମିଜମା ରେଜିଷ୍ଟ୍ରି ପାଇଁ ଡମସାହି, ଦର୍ପନାରାୟଣପୁର, ଖଡିଆ, ରଙ୍କଦେଉଳି ପଞ୍ଚାୟତର ବିଭିନ୍ନ ସମସ୍ୟା ଦୂର କରିବା ଓ ରଣପୁର କଲେଜକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରାଯାଇ ବିଧାୟକଙ୍କୁ ସ୍ମାରକପତ୍ର ଦିଆଯାଇଛି। ସୂଚନାଯୋଗ୍ୟ ୨୦୦ ଆଇନଜୀବୀଙ୍କୁ ନେଇ ୧୯୩୧ ପୂର୍ବରୁ ରଣପୁରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟ କରୁଛି। ୨୦୦୬ ମସିହାରୁ ଏଠାରେ ସବ୍‌ଜଜ୍ କୋର୍ଟ କମ୍ ଆସିଷ୍ଟାଣ୍ଟ ସେସନ ଜଜ୍‌କୋର୍ଟ ସ୍ଥାପନ ନିମନ୍ତେ ସଂଘ ପକ୍ଷରୁ ଦାବି ହୋଇଆସୁଛି। ୨୦୧୬ର ଦାବିକୁ ବିଚାରକୁ ନେଇ ଗତ ମାର୍ଚ୍ଚ ୨୧ରେ ହାଇକୋର୍ଟର ଫୁଲ୍‌ବେଞ୍ଚ ସ୍ଥାପନ ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିଲା। ତେବେ ୪ ମାସ ପରେ ମଧ୍ୟ ପଦକ୍ଷେପ ନ ହେବାରୁ ଓକିଲ ସଂଘ ପୁଣି ତତ୍ପରତା ପ୍ରକାଶ କରିଛି। ଏହାବ୍ୟତୀତ ସହରରେ କେତେଜଣ କର୍ମଚାରୀଙ୍କ କାର୍ଯ୍ୟରେ ଜନସାଧାରଣଙ୍କ ଅସନ୍ତୋଷ, ପାନୀୟଜଳ ଅଭାବ ଦୂର କରିବା ପାଇଁ ଡାକ୍ତରଖାନା ଓ କୋର୍ଟର ମଧ୍ୟସ୍ଥଳରେ ଥିବା ପାଣିଟାଙ୍କିର ପୁନରୁଦ୍ଧାର ଆଦି ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା କରାଯାଇଛି। ୪ ପଞ୍ଚାୟତର ବିଭିନ୍ନ ସମସ୍ୟା ସୁଧାରିବା ନିମନ୍ତେ ସରକାରୀ ନୋଟିଫିକେଶନ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ବୈଠକରେ ସଂଘ ସମ୍ପାଦକ ସତ୍ୟରଞ୍ଜନ ମତା, ଆଇନଜୀବୀ ଗିରିଜା ଶଙ୍କର ମହାପାତ୍ର, ସୁବାସ ଜେନା, ଗିରିଜାକାନ୍ତ ସାମନ୍ତରାୟ, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କାଳିଆ ଯୋଜନା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାକୁ ତଦନ୍ତ

**ଖଣ୍ଡପଡ଼ା,୩୧।୮(ସ୍ୱ.ପ୍ର.)**

ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ ସରକାର କାଳିଆ ଯୋଜନା ପ୍ରଣୟନ କରିଥିଲେ । ମାତ୍ର ଶତାଧିକ ଅଯୋଗ୍ୟ ହିତାଧିକାରୀ, ଅଣଚାଷୀ ପରିବାର, ରାଜନୀତି ସହ ସମ୍ପୃକ୍ତ ଧନୀ ଲୋକେ ହିତାଧିକାରୀ ଭାବେ ସାମିଲ ହୋଇ ପ୍ରଥମ ଓ ଦ୍ୱିତୀୟ କିସ୍ତିରେ ଆର୍ଥିକ ସହାୟତା ରାଶି ହାତେଇଛନ୍ତି। ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ପ୍ରଶାସନିକ ଅଧିକାରୀମାନେ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ବୋଲି ଦର୍ଶାଇ ବ୍ଲକ ଓ ଜିଲା ପ୍ରଶାସନକୁ ସୁପାରିଶ କରିଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏବେ ରାଜ୍ୟ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଧିକାରୀମାନେ ବିଭିନ୍ନ ଗ୍ରାମ ଓ ସହରାଞ୍ଚଳ ବୁଲି ତଦନ୍ତ କଲାବେଳେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ବୃଦ୍ଧି ପାଇଥିବା ଜଣାପଡ଼ିଛି। ତଦନ୍ତକୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଥିବାବେଳେ ଏହା ଯେଭଳି ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହେବ ସେଥିପ୍ରତି ଖଣ୍ଡପଡ଼ା ବିଡିଓ, ପ୍ରଶାସନିକ ଅଧିକାରୀମାନେ ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ବିଡିଓ ଗୌରବମୟ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ତଦନ୍ତ ଚାଲିଛି, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ନୂତନ ତାଲିକା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ।

## ବାଙ୍କୋଇ ସାଧନା ଆଇଟିସିର ରିପୋର୍ଟିଂ ସମାରୋହ

**ବୋଲଗଡ଼,୩୧।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ସାଧନା ଆଇଟିସି ୨୦୧୯-୨୧ ବର୍ଷର ନୂତନ ତାଲିମଧାରୀଙ୍କ ପାଇଁ ରିପୋର୍ଟିଂ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଆଇଟିସି ପରିସରରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ଆଇପିଓ ପ୍ରେମାନନ୍ଦନାଥ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ଅନ୍ତର୍ଯାମୀ ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବାଙ୍କୋଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ, ଖବରଦାତା କାଶୀନାଥ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ବିଶ୍ୱାଳ, ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଟ୍ରେନର ହୃଷୀକେଶ ପଟ୍ଟନାୟକ, ଓମ୍ ପ୍ରକାଶ ପଣ୍ଡା ଓ ସଂଗ୍ରାମ କେଶରୀ ମାଝି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସଚେତନ ହେଲେ ରାଜ୍ୟରେ ଏକ ନମ୍ବର ହେବ ରଣପୁର ଏନ୍‌ଏସି

**ରଣପୁର,୩୧।୮(ସ୍ୱ.ପ୍ର.)**

**ସ୍ୱାୟତ୍ତ ଶାସନ ଦିବସ ପାଳନ**

ନୟାଗଡ଼ ଜିଲା ରଣପୁର ଏନ୍‌ଏସି କାର୍ଯ୍ୟାଳୟରେ ୫ମ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଅପରାହ୍ନରେ ଅଧ୍ୟକ୍ଷା ସବିତା ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ତଥା ନୟାଗଡ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାପିତ ଅଞ୍ଚଳର ଉନ୍ନତୀକରଣ ଉପରେ ଆଲୋକପାତ କରିଥିଲେ। ରଣପୁରବାସୀ ସଚେତନ ହେଲେ ରାଜ୍ୟରେ ଏକ ନମ୍ବର ହେବ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରାତଃକାଳରେ ଏନ୍‌ଏସି କର୍ମଚାରୀଙ୍କ ସହ ବିଧାୟକ ପ୍ରଧାନ ରାମଧୁନ୍ କରି ଏକ ଶୋଭାଯାତ୍ରାରେ ପଞ୍ଚୁଦୋଳ ପଡିଆ ଆସି ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ବିଧାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଏନ୍‌ଏସି କର୍ମଚାରୀମାନଙ୍କୁ ପ୍ରଧାନ ପୁରସ୍କୃତ କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକ, ପୁରୀ ଏମ୍‌ପି ପ୍ରତିନିଧି ସ୍ୱରାଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ବାର୍ଷିକ ବିବରଣୀ ପାଠ କରିଥିଲେ । ୧୫ଟି ୱାର୍ଡକୁ ନେଇ ୨୦୧୪ ମସିହାରେ ରଣପୁର ଏନ୍‌ଏସି ଗଠିତ ହୋଇଛି ବୋଲି ସେ କହିଥିଲେ। ଏହାର ଉନ୍ନତି ନିମନ୍ତେ ୧୧ କୋଟି ୭୫ ଲକ୍ଷ ଟଙ୍କା ସରକାରୀ ମଞ୍ଜୁର ହୋଇଥିବାବେଳେ ଏଥିରୁ ରାସ୍ତା, ଡ୍ରେନ ଓ ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ୬ କୋଟି ୩୫ ଲକ୍ଷ ୫୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସେ କହିଥିଲେ । ଏଠାରେ ୩,୦୪୦ ଜଣଙ୍କୁ ରାଶନ କାର୍ଡ ବଣ୍ଟନ କରାଯିବା ସହ ୧୬,୦୧୨ ଜଣଙ୍କୁ ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ କରାଯାଇଛି । ଆଉ ୧୦୦ ଜଣଙ୍କ ଦରଖାସ୍ତକୁ ବିଚାରପୂର୍ବକ ତୁରନ୍ତ ଭତ୍ତା ପ୍ରଦାନ କରାଯିବ ବୋଲି ନାୟକ କହିଥିଲେ। ବିଭିନ୍ନ ୱାର୍ଡରେ ୧୧,୦୩୬ ଟି ଏଲ୍‌ଇଡି ଲାଇଟ୍ ସଂଯୋଗ କରାଯାଇଛି । ଶେଷରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

■ ତହସିଲ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ

# ଅଫିସ୍ ଆଗରେ ପରିବାର ଲୋକଙ୍କ ଧାରଣା

**ନୂଆଗାଁ,୩୧।୮ (ଡି.ଏନ.ଏ.)**



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୌରହରିଙ୍କ ପରିବାର।

ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟରେ ପଟ୍ଟା ଦେବାରେ ଅନିୟମିତତା ହୋଇଥିବା ଦର୍ଶାଇ ଶନିବାର ଗୋଟିଏ ପରିବାରର ୪ ଜଣ ସଦସ୍ୟ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

ନୂଆଗାଁ ତହସିଲ ମହୀପୁର ଆର୍‌ଆଇ ସର୍କଲ ଅଧୀନ ଅଭୟପୁର ଗ୍ରାମର ଗୌରହରି କହିବା ମୁତାବକ ସେ ଦୀର୍ଘ ୪୦ ବର୍ଷ ପୂର୍ବେ ଗୋଟିଏ ଜାଗାକୁ ଅନ୍ୟ ଜଣେ ଲୋକଙ୍କୁ ବଦଳ ଦେଇ ଅଭୟପୁର ମୌଜାର ଖାତା ନଂ.୨୬ର ପ୍ଲଟ ନଂ.୧୯୪ରେ ଥିବା ୦.୧୩ ଡେସିମିଲ ଜାଗା ମଧ୍ୟରୁ ୦.୭ ଡେସିମିଲ ଜାଗାକୁ ଉଭୟ ଗୌରହରି ଓ ରେଣୁବାଳା ବେହେରା ଦଖଲ କରିଆସୁଥିଲେ। ଗୌରହରି ଅଢେଇ ଡେସିମିଲ ଜାଗାରେ ଛାତ ଘର କରି ପରିବାର ସହ ରହିଆସୁଥିଲେ। କିନ୍ତୁ ରେଣୁବାଳା ନିଜେ ଦଖଲ କରୁଥିବା ଜାଗା ସହ ଗୌରହରି ଦଖଲ କରୁଥିବା ଜାଗାକୁ ନିଜ ନାମରେ କରାଇନେବା ପାଇଁ ଚେଷ୍ଟା କରିବା ସହ ପଟ୍ଟା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏହା ଜାଣିପାରି ସମ୍ପୃକ୍ତ ଆବେଦନକାରୀଙ୍କୁ ପଟ୍ଟା ନ ଦେବା ପାଇଁ ଗୌରହରି ମହିପୁର ଆର୍‌ଆଇଙ୍କୁ ଲିଖିତ ଆକାରରେ ଆପତ୍ତି କରିଥିଲେ। ଫଳରେ ନୂଆଗାଁ ତହସିଲ ଦାୟିତ୍ୱରେ ଥିବା ତତ୍କାଳୀନ ନୟାଗଡ ତହସିଲଦାର ମନୋରଞ୍ଜନ ସାହୁ ପଟ୍ଟା ନ ଦେଇ ତଦନ୍ତ ପାଇଁ ସୁପରଭାଇଜର ଓ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ପ୍ଲଟରେ ଗୌରହରି ଘର କରିଥିବା କଥା ସେମାନେ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ତେଣୁ ପଟ୍ଟା ନ ଦେଇ ତାହାକୁ ସ୍ଥଗିତ କରାଯାଇଥିଲା। କିନ୍ତୁ ଶନିବାର ନୂଆଗାଁ ତହସିଲଦାର ପ୍ରଭାକର ସେଠୀଙ୍କର ଚାକିରୀ ଜୀବନର ଶେଷଦିନ ଥିବାବେଳେ ଶୁକ୍ରବାର ରେଣୁବାଳାଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏହା ଜାଣିପାରି ଗୌରହରି, ଦୁଇପୁଅ ବସନ୍ତ ବେହେରା ଓ ସୁଶାନ୍ତ ବେହେରା, ନାତି ଜିତେନ୍ଦ୍ର ବେହେରା ତହସିଲ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ଆମେ ଦରଖାସ୍ତ କରିଥିଲେ ମଧ୍ୟ ତାହାକୁ ବିଚାର ନ କରି ତହସିଲଦାର ଚଞ୍ଚକତାର ସହ ପଟ୍ଟା ପ୍ରଦାନ କରିଛନ୍ତି। ଏପରି ଅଭିଯୋଗ ପରେ ତହସିଲଦାର ସେଠୀ ଉକ୍ତ ପଟ୍ଟା ଉପରେ ରୋକ ଲଗାଇବା ସହ ମକଦ୍ଦମାରେ ଯାହାର ଡିଗ୍ରୀ ହେବ ସେ ପଟ୍ଟା ପାଇବ ବୋଲି କହିଥିଲେ। ଏହାପରେ ପରିବାର ଲୋକେ ଧାରଣାରୁ ଉଠିଥିଲେ।